ସକାଳ THE SAKALA



# ବ୍ଲକ୍‌ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ,୧୬ ।୨(ସମିସ)



ଓଡ଼ିଶା ରାଜ୍ୟ ମହିଳା କମିଶନ ଓ ଅନୁଗୋଳ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଛେଣ୍ଡିପଦା ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ସଭାଗୃହରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଦଳର ସଭ୍ୟା, କଲେଜ ଛାତ୍ରଛାତ୍ରୀ, ପଞ୍ଚାୟତିରାଜ ପ୍ରତିନିଧି, ସଖୀ ୱାନ ଷ୍ଟପ୍ ସେଣ୍ଟର କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା, ଯୁବ ପ୍ରତିନିଧି, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର ପ୍ରମୁଖ ୩୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବର୍ଗର ମହିଳା ଅଂଶଗ୍ରହଣ କରିଥିଲେ ।

ଉଦଘାଟନୀ ଉତ୍ସବରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ଧୁ ବେହେରା, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ ପ୍ରଧାନ, ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଅଧ୍ୟକ୍ଷ ବିକ୍ରମ କୁମାର ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ସମାଜ ମଙ୍ଗଳ ଅଧିକାରିଣୀ ପାର୍ବତୀ ସାହୁ, ଛେଣ୍ଡିପଦା ବିଡିଓ ଅରବିନ୍ଦ ବେହେରା, ପୁଲିସ ଏସ୍‌ଆଇ ଶୁଭଲକ୍ଷ୍ମୀ, ଡାକ୍ତରଖାନା ଭାରପ୍ରାପ୍ତ ଅଧିକାରୀ ସଂଘମିତ୍ର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଲିଙ୍ଗଗତ ବିଷମ୍ୟତା, ଘରୋଇ ହିଂସା, ମହିଳା ସୁରକ୍ଷା ଆଇନ ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ନିଜ ମତାମତ ପ୍ରଦାନ କରିଥିଲେ । ସାମ୍ପ୍ରତିକ ସ୍ଥିତିରେ ଦୈନନ୍ଦିନ ସମାଜରେ ଘଟୁଥିବା ଲିଙ୍ଗଭିତ୍ତିକ ହିଂସା, ବାଲ୍ୟବିବାହ, ଏହାର କାରଣ ଓ ପ୍ରଭାବ ଉପରେ ବିଧାୟକ ବେହେରା ଆଲୋକପାତ କରିଥିଲେ । ବାଲ୍ୟବିବାହ ତଥା ଶିଶୁ ସୁରକ୍ଷା ପାଇଁ ସାମୂହିକ ଶପଥପାଠ କରାଇଥିଲେ । ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଗୁରୁ ଶିକ୍ଷକ ମଦନ ସୁନ୍ଦର ପ୍ରଧାନ ଓ ବାଲ୍ୟ ବିବାହ ନିରାକରଣ ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ବେହେରା ରିସୋର୍ସ ପର୍ସନ ଭାବେ ଯୋଗଦେଇ ମହିଳା ଅଧିକାର, ବାଲ୍ୟ ବିବାହ, ଯୌତୁକ, ଘରୋଇ ହିଂସା, କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା, ଡାହାଣୀ ପ୍ରଥା, ପୋକସୋ ଆଇନ, ମାନବ ଚାଲାଣ ଆଇନ, ବିଭିନ୍ନ ସରକାରୀ ଯୋଜନା, ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି ଯୋଜନା, ମହିଳାମାନଙ୍କ ପ୍ରଜନନ ସ୍ୱାସ୍ଥ୍ୟ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା, ମମତା ଯୋଜନା, ଜନନୀ ସୁରକ୍ଷା ଯୋଜନା ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ । ଆକ୍ସନଏଡ ଜିଲ୍ଲା ସଂଯୋଜକ (ବାଲ୍ୟ ବିବାହ ନିରାକରଣ) ସନ୍ତୋଷ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ । ମିଶନ ଶକ୍ତି ହବ୍ ଜିଲ୍ଲା ସଂଯୋଜକ ବିଦ୍ୟାଧର ପ୍ରଧାନ ଓ ଜିଲ୍ଲା ମମତା ସଂଯୋଜକ ତାପଜ କୁମାର ପାଣି ସହଯୋଗ କରିଥିଲେ । ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସୁଷମା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲାୟନ୍ସ କ୍ଲବ ଦ୍ୱାରା ଆନ୍ତର୍ଜାତିକ ଶିଶୁ କର୍କଟ ରୋଗ ଦିବସ ପାଳିତ



**ଅନୁଗୋଳ ସହର,୧୬ ।୨(ସମିସ):** ଆନ୍ତର୍ଜାତିକ ଶିଶୁ କର୍କଟ ରୋଗ ଦିବସ ଅବସରରେ ଶନିବାର ଶିଶୁ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ଓ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଲାୟନ୍ସ କ୍ଲବ ଅନୁଗୋଳ ଦ୍ୱାରା ଆଇଡିଆଲ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବ ସଭାପତି ତ୍ରୈଲୋକ୍ୟ ଦେହୁରୀ, ବରିଷ୍ଠ ସଭ୍ୟ ଆଇନଜୀବୀ ପରମାନନ୍ଦ ମିଶ୍ର, ଶିଳ୍ପପତି ପ୍ରଭାତ ପାଳିତ, ଅଶୋକ କୁମାର ମୁରାର୍କା, ଅଞ୍ଜଳି ସିଂହ ଓ ଅରୁଣା ମିଶ୍ର ଯୋଗଦେଇଥିଲେ । ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ବ୍ରହ୍ମାନନ୍ଦ ପଣ୍ଡା ଶିଶୁ କର୍କଟ ରୋଗ ଉପରେ ସଚେତନତା ବାର୍ତ୍ତା ଦେଇଥିଲେ । ଲାୟନ୍ସ ଚକ୍ଷୁ ଚିକିତ୍ସାଳୟର ଡା. ସ୍ୱାଇଁ ଓ ମ୍ୟାନେଜର ଲିନୁ ମାଝୀଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ବିଦ୍ୟାଳୟ ଅଧ୍ୟକ୍ଷ ଆଶିଷ ରଞ୍ଜନ ପ୍ରଧାନ, ସ୍କୁଲ ସଭାପତି ଅମିତାଭ ମିଶ୍ର ଓ ସମ୍ପାଦକ ଜୟକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ।

## ବରିଷ୍ଠ ଚିକିତ୍ସକ ଡା. ସଞ୍ଜୟ ଦାସ ସମ୍ବର୍ଦ୍ଧିତ

**ତାଳଚେରସଦର,୧୬ ।୨(ସମିସ):** ବରିଷ୍ଠ ଭେଷଜ ଚିକିତ୍ସକ ଡା. ସଞ୍ଜୟ ଦାସଙ୍କୁ ଇଣ୍ଡିଆନ ମେଡିକାଲ ଆସୋସିଏସନ (ଆଇଏମ୍‌ଏ) ଓଡ଼ିଶା ଶାଖାର ୭୪ତମ ଅଧିବେଶନରେ ସମ୍ବର୍ଦ୍ଧିତ କରାଯାଇଛି । କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡା. ଦାସଙ୍କୁ ମଧୁମେହ ରୋଗ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ବର୍ଦ୍ଧନା ଦିଆଯାଇଛି । ଡା. ଦାସ ଏମସିଏଲର ନେହରୁ ଶତାବ୍ଦୀ ଚିକିତ୍ସାଳୟରେ ଦୀର୍ଘବର୍ଷ ରୋଗୀସେବା କରି ଅବସର ନେଇଥିଲେ ମଧ୍ୟ ତାଳଚେର ଆଇଟିଆଇ ନିକଟ ଏକ କ୍ଲିନିକରେ ରୋଗୀସେବା ଜାରି ରଖିଛନ୍ତି । ବିଶେଷକରି ମଧୁମେହ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବାରେ ତାଙ୍କ ଅବଦାନ ରହିଆସିଛି । ସେ ବହୁ ଗରିବ ରୋଗୀଙ୍କୁ ବିନା ମୂଲ୍ୟରେ ଚିକିତ୍ସା କରିଥାନ୍ତି ।




## ସୁରକ୍ଷା ପାଇଁ ସ୍ୱର୍ଣ୍ଣଶକ୍ତି ସମ୍ମାନରେ ସମ୍ମାନିତ ଏନ୍‌ଟିପିସି କଣିହାଁ




କଣିହାଁ,୧୬ ।୨(ସମିସ): ଅନୁଗୋଳ ଜିଲ୍ଲା କଣିହାଁସ୍ଥିତ ଏନ୍‌ଟିପିସି ବିଦ୍ୟୁତ ପ୍ରକଳ୍ପକୁ ସାମଗ୍ରିକ ଉତ୍କର୍ଷ ପୁରସ୍କାର ଏବଂ ସାମଗ୍ରିକ ସୁରକ୍ଷା (ଓଆଣ୍ଡଏମ୍) ୨୦୨୩-୨୪ ବର୍ଷ ନିମନ୍ତେ ସ୍ୱର୍ଣ୍ଣଶକ୍ତି ପୁରସ୍କାର ପ୍ରଦାନ କରାଯାଇଛି । ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଷ୍ଟର୍ନ ରିଜିୟନ-୨) ଅରିନ୍ଦମ ସିହ୍ନା, ଏନ୍‌ଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ ଏକେ ସେହଗଲ, ସିଏମ୍‌ଡି ଗୁରୁଦୀପ ସିଂ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

ରାୟପୁରରେ ଗତ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଭାରତର ସର୍ବବୃହତ ଇଣ୍ଟିଗ୍ରେଟେଡ୍ ପାୱାର ୟୁଟିଲିଟି ଏନ୍‌ଟିପିସି ଲିମିଟେଡ ଏହାର ଫ୍ଲାଗସିପ ଇଭେଣ୍ଟ ଇଣ୍ଡିଆନ ପାୱାର ଷ୍ଟେସନ୍ସ ଓଆଣ୍ଡଏମ ସମ୍ମିଳନୀ (ଆଇପିଏସ୍-୨୦୨୫) ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ସଚିବ (ଶକ୍ତି) ପଙ୍କଜ ଅଗ୍ରୱାଲ କହିଲେ, ଏନ୍‌ଟିପିସି ସମଗ୍ର ଦେଶରେ ଥର୍ମାଲ ପାୱାର ଷ୍ଟେସନ ଅପରେଟରମାନଙ୍କ ପାଇଁ ଏକ ମାନଦଣ୍ଡ ସ୍ଥାପନ କରିଛି । ଇତିହାସରେ ପ୍ରଥମ ଥର ପାଇଁ ଏନଟିପିସି ଦ୍ୱାରା ଉଲ୍ଲେଖନୀୟ ଅବଦାନ ସହ ୫୦ ମିଲିୟନ ଟନ୍ କୋଇଲା ଷ୍ଟକ ରକ୍ଷଣାବେକ୍ଷଣ କରାଯାଇଛି । କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ (ସିଇଏ) ଅଧ୍ୟକ୍ଷ ଘନଶ୍ୟାମ ପ୍ରସାଦ ୫୦ ବର୍ଷ ପୂର୍ତ୍ତି ଅବସରରେ ଏନ୍‌ଟିପିସିକୁ ପ୍ରଶଂସା କରିଥିଲେ । ଏନ୍‌ଟିପିସି ସିଏମ୍‌ଡି ଗୁରୁଦୀପ ସିଂ କହିଲେ, ବିକାଶଶୀଳ ବିଦ୍ୟୁତ୍ ଗ୍ରୀଡ୍ ଏବଂ ଶକ୍ତି କ୍ଷେତ୍ରର ଗତିଶୀଳ ପ୍ରକୃତି ସହି ଆଭିମୁଖ୍ୟରେ ଅଧିକ ଚତୁରତା ପରୀକ୍ଷାମୂଳକ ହେବା ଜରୁରୀ । ଏନ୍‌ଟିପିସି ପରିବାର ତରଫରୁ ନିର୍ଦ୍ଦେଶକ (ଅପରେସନ୍ସ) ରବୀନ୍ଦ୍ର କୁମାର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ପଦାଧିକାରୀଙ୍କୁ କୃତଜ୍ଞତା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ (ଅର୍ଥ) ଜୟକୁମାର ଶ୍ରୀନିବାସନ, ନିର୍ଦ୍ଦେଶକ (ଇନ୍ଧନ) ଶିବମ ଶ୍ରୀବାସ୍ତବ, ନିର୍ଦ୍ଦେଶକ (ପ୍ରକଳ୍ପ), କେଏସ୍ ସୁନ୍ଦରମ୍, ନିର୍ଦ୍ଦେଶକ (ଏଚ୍‌ଆର୍) ଏକେ ଜଡଲି, ସିଭିଓ ରଶ୍ମିତା ଝା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ପ୍ରକଳ୍ପ ଏବଂ ଷ୍ଟେସନକୁ ଏନ୍‌ଟିପିସି ସ୍ୱର୍ଣ୍ଣଶକ୍ତି ପୁରସ୍କାର (୨୦୨୩-୨୪) ଏବଂ ଏନ୍‌ଟିପିସି ବ୍ୟବସାୟିକ ଉତ୍କର୍ଷ ପୁରସ୍କାର (୨୦୨୪-୨୫) ପ୍ରଦାନ କରାଯାଇଥିଲା । ସ୍ୱର୍ଣ୍ଣଶକ୍ତି ଏବଂ ବିଜନେସ ଏକ୍ସଲେନ୍ସ ଆୱାର୍ଡରେ ଏନ୍‌ଟିପିସି ବିନ୍ଧ୍ୟାଞ୍ଚଳ ସାମଗ୍ରିକ ଚାମ୍ପିଅନ ପୁରସ୍କାର ହାସଲ କରିଥିଲା । ଟେକ୍ନୋ ଗାଲାକ୍ସି ପ୍ରଦର୍ଶନୀ, ଅତ୍ୟାଧୁନିକ ଜ୍ଞାନକୌଶଳ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଡିଜିଟାଇଜେସନ ଏବଂ ବହୁ ବିକ୍ରେତା, ଉତ୍ପାଦକଙ୍କ ସୃଜନଶୀଳ ସମାଧାନ ଆଦି ଆଇପିଏସ-୨୦୨୫ର ଅନ୍ୟ ପ୍ରମୁଖ ଆକର୍ଷଣ ଥିଲା ।

## ଭୋଗବେରେଣୀରେ 'ଜୀବନବିନ୍ଦୁ' ଶିବିର

**ତାଳଚେରସଦର,୧୬ ।୨(ସମିସ):** ତାଳଚେର ଜୀବନସାଥୀ ଫାଉଣ୍ଡେସନ ଓ ଭୋଗବେରେଣୀ ଯୌଥ କ୍ଲବ ଆନୁକୂଲ୍ୟରେ ଭୋଗବେରେଣୀ ଗ୍ରାମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ଭୋଗବେରେଣୀ ସରପଞ୍ଚ ଚାପଲିନ ସାହୁ ଓ ସମ୍ମାନିତ ଅତିଥି ଭାବେ ମଣ୍ଡାପାଳସ୍ଥିତ ତାଳଚେର ସରକାରୀ ଡାକ୍ତରଖାନାର ଏସଡିଜିଏମ ଡା. ଅରବିନ୍ଦ ନନ୍ଦି ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ ।



ତାଳଚେର ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ । ସ୍ୱେଚ୍ଛାସେବୀ ଯୋଗେନ୍ଦ୍ର ବେହେରାଙ୍କ ସହ ଜୀବନସାଥୀ ଫାଉଣ୍ଡେସନର ସମସ୍ତ ସଦସ୍ୟ ଓ ଭୋଗବେରେଣୀ ଯୁଥ କ୍ଲବ ସଦସ୍ୟ ସହଯୋଗ କରିଥିଲେ । ଶିବିରରେ ମୋଟ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ଶିବିରରେ ତାଳଚେର ସରକାରୀ ଡାକ୍ତରଖାନା ରକ୍ତଭଣ୍ଡାର ସଦସ୍ୟ, ଡାକ୍ତର ନନ୍ଦି, କୁମୁଦ ସାହୁ, ଗୋପାଳ ଚନ୍ଦ୍ର ବେହେରା, ପ୍ରଶ୍ନ ବେହେରା, ତ୍ରିନାଥ ଉତା, ରାଜକିଶୋର ପ୍ରଧାନ, ଚନ୍ଦ୍ରମଣି ନାଏକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଜୀବନସାଥୀ ଫାଉଣ୍ଡେସନ ସଦସ୍ୟ ରଶ୍ମିରଞ୍ଜନ ସାହୁ, ସିପୁନ ଦାସ, ମାଧବ ସାହୁ, ବଗୁଲୁ ଦାସ, କାର୍ତ୍ତିକ ଦାସ, ଟୁଗୁଲା ଦାସ, ହରିହର ସାହୁ, ଟିପଲିନ ସାହୁ, ଯୀଶୁ ବେହେରା, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ପୁରୁଣାକୋଟ ବନାଞ୍ଚଳ ଅଧିକାରୀଙ୍କ ଆକସ୍ମିକ ଦେହାନ୍ତ

**ଅନୁଗୋଳ,୧୬ ।୨(ସମିସ):** ରବିବାର ପୂର୍ବାହ୍ନ ସାଢ଼େ ୮ଟାରେ ପୁରୁଣାକୋଟ ବନାଞ୍ଚଳ ଅଧିକାରୀ ଜୟନ୍ତ କୁମାର ପଟ୍ଟନାୟକ (୫୫)ଙ୍କ ଆକସ୍ମିକ ଦେହାନ୍ତ ହୋଇଛି । ଜୟନ୍ତ ତାଙ୍କ ସରକାରୀ ବାସଭବନରେ ଥିବା ସମୟରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ । ସେଠାରେ ଉପସ୍ଥିତ ଅନ୍ୟ କର୍ମଚାରୀମାନେ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଜୟନ୍ତ ପୁରୁଣାକୋଟରେ ଗତ ୩ ବର୍ଷ ହେଲା କାର୍ଯ୍ୟରତ ଥିଲେ । ଏହା ପୂର୍ବରୁ ସେ ନିକଟବର୍ତ୍ତୀ ଟିକରପଡ଼ା ବନାଞ୍ଚଳରେ ମଧ୍ୟ ଦୀର୍ଘବର୍ଷ କାର୍ଯ୍ୟରତ ଥିଲେ । ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା ଅନୁସାରେ ସେ ଜଣେ ଲୋକପ୍ରିୟ ଅଧିକାରୀ ଥିଲେ । ତାଙ୍କ ବିୟୋଗରେ ପୁରୁଣାକୋଟ ସମେତ ସମଗ୍ର ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



## ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ଶ୍ରମିକ ମିଳନ






**କଣିହାଁ,୧୬ ।୨(ସମିସ):** ଏଆଇୟୁଟିୟୁସି ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ ପକ୍ଷରୁ ବାର୍ଷିକ ଶ୍ରମିକ ମିଳନ କାର୍ଯ୍ୟକ୍ରମ ରବିବାର କରଡ଼େଇ ଘାଟରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ତାଳଚେର ପରିବେଶ ସୁରକ୍ଷା ସମିତି ଓ ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆବାହକ ପଦ୍ମଚରଣ ସାମଲ ଓ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ଅନୁଗୋଳ ଜିଲ୍ଲା ଉପସଭାପତି ନବକିଶୋର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରମିକମାନଙ୍କୁ ସଂଗ୍ରାମୀ ଅଭିନନ୍ଦନ ଜଣାଇଥିଲେ । ୟୁନିୟନର ସଭାପତି ତଥା ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ଜୟସେନ ମେହେର, ୟୁନିୟନର ସାଧାରଣ ସମ୍ପାଦକ କମ୍ରେଡ ପ୍ରହ୍ଲାଦଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଟୁନା ନାଏକ, କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରତାପ ପ୍ରଧାନ, ଗନ୍ଧର୍ବ ନାଏକ ପ୍ରମୁଖ ବକ୍ତବ୍ୟ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ-କର୍ମଚାରୀ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ନ୍ୟାୟସଙ୍ଗତ ଦାବିରେ ଶକ୍ତିଶାଳୀ ଶ୍ରମିକ ଆନ୍ଦୋଳନ ସଂଗଠିତ କରିବାକୁ ଆହ୍ୱାନ ଦେଇଥିଲେ । ଏନ୍‌ଟିପିସି କଣିହାଁର ଠିକାଶ୍ରମିକଙ୍କ ବିଭିନ୍ନ ଦାବି ନେଇ ଆନ୍ଦୋଳନ କରିବା ନିମନ୍ତେ ଆସନ୍ତା ମାର୍ଚ୍ଚ ୨୬ ସନ୍ଧ୍ୟା ୫ଟାରେ ସ୍ଥାନୀୟ ରାମମନ୍ଦିର ପଡ଼ିଆରେ ଠିକାଶ୍ରମିକଙ୍କ ବିଶାଳ ସମାବେଶ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ୫ ଶହରୁ ଅଧିକ ଶ୍ରମିକ-କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ଶିବାନନ୍ଦ ପଦ୍ମଚରଣ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ମା' ବୁଢ଼ୀ କ୍ଲବ୍ ଚାମ୍ପିଅନ



**ଅନୁଗୋଳ,୧୬ ।୨(ସମିସ):** ସ୍ଥାନୀୟ ଶିବା ପଡ଼ିଆରେ ଆୟୋଜିତ ଶିବାନନ୍ଦ ପଦ୍ମଚରଣ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି । ଫାଇନାଲ ମ୍ୟାଚରେ ମା' ବୁଢ଼ୀ କ୍ଲବ ଅନୁଗୋଳ ଟାଇ ବ୍ରେକରରେ ୩-୧ ଗୋଲରେ ସାଉଥ ବଲଣ୍ଡାକୁ ପରାସ୍ତ କରି ଚାମ୍ପିଅନ ହୋଇଛି । ନିର୍ଦ୍ଧାରିତ ସମୟରେ ଉଭୟ ଟିମ୍ ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ । ଫଳରେ ଟାଇ ବ୍ରେକରର ସହାୟତା ନିଆଯାଇଥିଲା ।

ପୁରସ୍କାର ବିତରଣ ତଥା ଉଦଯାପନୀ ଉତ୍ସବରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ଅନୁଗୋଳରେ ଫୁଟବଲର ବିକାଶ ପାଇଁ ସମସ୍ତ ଉଦ୍ୟମ କରାଯିବ ବୋଲି ପ୍ରକାଶ କରିଥିଲେ । ସେ ଚାମ୍ପିଅନ ମା' ବୁଢ଼ୀ କ୍ଲବକୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ ବଲଣ୍ଡା ଦଳକୁ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ବଲଣ୍ଡାର ମାଧବ ସ୍ୱାଇଁ ଫାଇନାଲର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । ସେହିପରି ବେଷ୍ଟ ଗୋଲକିପର ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ସମ୍ମାନିତ ଅତିଥି ରୂପେ ପୌର ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ, ପୂର୍ବତନ କାଉନସିଲର ପ୍ରଦୀପ ରାଉତ ପ୍ରମୁଖ ଯୋଗଦେଇଥିଲେ । ମନୋରଞ୍ଜନ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ବସନ୍ତ କୁମାର ଦାସ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ଭେଟେରାନ କ୍ଲବ୍ ପକ୍ଷରୁ ପ୍ରମୋଦ ରାଉତ, ପ୍ରଶାନ୍ତ କୁମାର ସିହ୍ନା, ବୁଲୁ ରାଉତରାୟ, ହରମୋହନ ମିଶ୍ର, ରମେଶ ସାହୁ, ବରିଷ୍ଠ ଆଇନଜୀବୀ ଭୂପେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**କିଶୋରନଗର,୧୬ ।୨(ସମିସ):** କିଶୋରନଗର ବ୍ଲକ ହିମିତିରା ଉଚ୍ଚ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ସୁଜିତ କୁମାର ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ କପିଳ ପ୍ରସାଦ ସାହୁ, ନବୀନ ବିଶ୍ୱାଳ, ସିଆରସିସି ପ୍ରଫୁଲ୍ଲ ସିଂହ, ଶିକ୍ଷୟିତ୍ରୀ ସସ୍ମିତା ମାଝୀ, ସତ୍ୟାସାଇ ସାହୁ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକ କିଶୋର ଚନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ୧୧ତମ ତୁକୁଡ଼ା ପ୍ରିମିୟର ଲିଗ୍ କ୍ରିକେଟ୍

# ରୁଦ୍ର ୱାରିଅର୍ସ କ୍ରିକେଟ୍ କ୍ଲବ୍ ଚାମ୍ପିଅନ



**ଛେଣ୍ଡିପଦା,୧୬ ।୨(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ତୁକୁଡ଼ା ହାଇସ୍କୁଲ ପଡ଼ିଆରେ ୟଙ୍ଗଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ତୁକୁଡ଼ା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି ।

ଫାଇନାଲ ମ୍ୟାଚ୍ ରୁଦ୍ର ୱାରିଅର୍ସ ଓ ଆୟୋଜକ ୟଙ୍ଗଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ଖେଳାଯାଇଥିଲା । ରୁଦ୍ର ୱାରିଅର୍ସ ୩୦ ରନରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ରୁଦ୍ର ୱାରିଅର୍ସ ବ୍ୟାଟିଂ କରି ୧୫ ଓଭରରେ ୭ ୱିକେଟ ହରାଇ ୧୪୯ ରନ କରିଥିଲା । ଜବାବରେ ୟଙ୍ଗଷ୍ଟାର କ୍ଲବ ୧୫ ଓଭରରେ ୯ ୱିକେଟ ହରାଇ ୧୧୯ ରନ କରିବାକୁ ସକ୍ଷମ ହୋଇଥିଲା ।

ଅମ୍ପାୟର ଗୌତମ ମୁଦୁଲି ଏବଂ ରାକେଶ ସାହୁ ଖେଳ ପରିଚାଳନା କରିଥିଲେ । ସ୍କୋରର ଭାବେ ବ୍ୟାସଦେବ ମହାପାତ୍ର ଦାୟିତ୍ୱ ତୁଲାଇଥିଲେ । ସଞ୍ଜୟ ଗଡ଼ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ ।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ବିଜେପି ଯୁବମୋର୍ଚ୍ଚା ସଭାପତି ତପନ ଦେବତା, ଗ୍ରାମ ସଭାପତି ପ୍ରଭାତ ଦେହୁରୀ, ସମ୍ପାଦକ ସନ୍ତୋଷ ସାହୁ, ପୂର୍ବତନ ସଭାପତି ବୀରେନ ସାହୁ, ଅରୁଣ ସାହୁ, ବେଣୁଧର ସାହୁ, ପୂର୍ବତନ ମଣ୍ଡଳ ସଭାପତି ଚିତ୍ରସେନ ସାହୁ, ସମାଜସେବୀ ସୁମନ୍ତ ସାହୁ, ଈଶ୍ୱର ଚନ୍ଦ୍ର ଦେହୁରୀ, ଅର୍ଜୁନ ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ୫ କ୍ରିକେଟ ଟିମ୍‌ର ମାଲିକ ସୁଧୀର ଦେହୁରୀ, ପ୍ରବୀର ବେହେରା, ଶିବୁ ନାଏକ ଓ ନିଶୁ ସାହୁ, କର୍ଣ୍ଣଚନ୍ଦ୍ର ଦେହୁରୀ, ଲିକୁନ୍ ସାହୁ ମଞ୍ଚାସୀନ ଥିଲେ । ସନ୍ତୋଷ ନାଏକ ମ୍ୟାନ୍ ଅଫ୍ ଦି ସିରିଜ୍ ଏବଂ ଜନ୍ମେଜୟ ପ୍ରଧାନ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ ।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ ପ୍ରେମଲତା ଜେନା
ଆବିର୍ଭାବ: ୦୧/୦୧/୧୯୫୪
ତିରୋଧାନ: ୦୭/୦୨/୨୦୨୫
ଜାମାମନଗର, କୁମାରୀ, ଜାରକା, ଧର୍ମଶାଳା
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତି ନିବେଦନ କରୁଛୁ ।
ଶୋକସନ୍ତପ୍ତ : ସ୍ୱାମୀ- ରମାକାନ୍ତ ଜେନା (ସଂପାଦକ ଲୋକଶିକ୍ଷା), ଦିଅର- ଅନନ୍ତ, ପବିତ୍ର, ନଣନ୍ଦେଇ- କାବୁଲି, ନଣନ୍ଦ- ମିନତି, ଦିଅରବୋହୂ- ତ୍ରିଲୋଚନ, ପ୍ରସନ୍ନ, ପୁଅ- କାପି, ପୁତ୍ରବଧୂ- ମଧୁସ୍ମିତା, ଝିଅ- ଗୀତା, ସୁମା, ଜାମାତା- ଦେବେନ୍ଦ୍ର ନାଥ ବିଶ୍ୱାଳ, ନଳିନୀ ପଡ଼ିହାରୀ, ଭିକ୍କୁ, ଆଲୋକ, ଖୁନୁନା, ଓିଟନ, ଝିଆରୀ- ଦେବି, ଟୁନି, ପୁଟୁନି, କିଙ୍କି, ବିପୁନି, ପୁତୁରା- ପପୁ, କିପୁ, ଦିପୁ, ବିପୁ, ନାତି- ସୋନୁ, ପ୍ରଭାସ, ଅଭୟ, ତନ୍ମୟ, ନାତୁଣୀ- ଚୁକୁରି, ଭଣଜା-ଭାଣିଜୀ- ପିଙ୍କୁ, ରାଣ୍ଟୀ, ଓମ୍, ଆର୍ଯ୍ୟଅନନ୍ୟା ।

## ଢେଙ୍କାନାଳ ଚାମ୍ବର ଅଫ କମର୍ସର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# 'ଢେଙ୍କାନାଳରୁ ଯାଜପୁରକୁ ୪ ଲେନ୍ ରାସ୍ତା ନିର୍ମାଣ କରାଯିବ'

ଢେଙ୍କାନାଳ, ୧୬ ।୨(ସମିସ)

ଢେଙ୍କାନାଳ ଜିଲ୍ଲା ଚାମ୍ବର ଅଫ କମର୍ସର ସୁବର୍ଣ୍ଣ ଜୟନ୍ତୀ ସମାରୋହ ସ୍ଥାନୀୟ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ଚାମ୍ବର ଅଫ କମର୍ସ ଏବଂ ଶିଳ୍ପ ପ୍ରତିଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି କାର୍ଯ୍ୟକାରୀ ସଭାପତି ବିନୋଦ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ମୁଁ ଜଣେ ବ୍ୟବସାୟୀ। ଆମ ପରିବାରର ସମସ୍ତେ ବ୍ୟବସାୟୀ। ପୂର୍ବରୁ ଓଡ଼ିଶାର ବଣିକମାନେ ଜାଭା, ସୁମାତ୍ରା ଭଳି ଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ। ଓଡ଼ିଶା ସମୃଦ୍ଧ ହେଉଥିଲା। ଢେଙ୍କାନାଳରୁ ଗଁଦିଆ, ଟାଙ୍ଗୀ ଦେଇ ଯାଜପୁରକୁ ଖୁବ୍‌ଶୀଘ୍ର ୪ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ ବୋଲି ସେ ପ୍ରକାଶ କରିଥଲେ। ଉତ୍କର୍ଷ ଓଡ଼ିଶା ପ୍ରସଙ୍ଗ ଉଠାଇ ସେ କହିଲେ, ଶିଳ୍ପ ବିକାଶ ପାଇଁ ୧୭ ଲକ୍ଷ କୋଟିର ଏମଓୟୁ ହୋଇସାରିଛି। ଆଗରୁ ଆମେ ଯାଉଥିଲେ, ଏବେ ସେମାନେ ଆମ ସହ ବାଣିଜ୍ୟ କରିବାକୁ ଆସୁଛନ୍ତି। ଜିଲ୍ଲାରେ ୱାରୀ, କଲ୍ୟାଣୀ ଗ୍ରୁପ ଭଳି କାରଖାନା ଗଢ଼ି ଉଠୁଥିବା ବେଳେ ସ୍ଥାନୀୟ ଲୋକେ ସେଥିରେ ନିଯୁକ୍ତି ପାଇବେ। ୱାରୀରେ ୨୫ ହାଜାର ନିଯୁକ୍ତି ସୃଷ୍ଟିହେବ। ଢେଙ୍କାନାଳ ଯୁବକ ଯୁବତୀମାନେ ବେକାର ରହିବେ ନାହିଁ। ଓଡ଼ିଶାରେ ଢେଙ୍କାନାଳର ଚାମ୍ବର ଅଫ କମର୍ସ ପ୍ରଥମେ ଗଢ଼ିଉଠିଥିଲା। ଏହା ଏବେ ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛି ବୋଲି ମନ୍ତ୍ରୀ ପାତ୍ର କହିଥିଲେ।

କାର୍ଯ୍ୟକାରୀ ସଭାପତି ବିନୋଦ ଅଗ୍ରୱାଲ ପ୍ରାରମ୍ଭିକ ଭାଷଣ ଦେଇ କହିଲେ, ଜିଲ୍ଲା ବାଣିଜ୍ୟ ପ୍ରତିଷ୍ଠାନ ସର୍ବଦା ବ୍ୟବସାୟୀଙ୍କ ନ୍ୟାୟ ପାଇଁ ଲଢ଼େଇ କରିଆସିଛି। ପର୍ବପର୍ବାଣୀରେ ଜିଏସଟି ଚଢ଼ଉକୁ ବିରୋଧ କରାଯାଇଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସାଂସଦ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ସିଏଆଇଟି ଅଧ୍ୟକ୍ଷ ବ୍ରିଜମୋହନ ଅଗ୍ରୱାଲ, ଓଡ଼ିଶା ବାଣିଜ୍ୟ ମହାସଙ୍ଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା, ଜିଏସଟି ବିଭାଗ ଅରିରିକ୍ତ କମିଶନର ପ୍ରତିରଞ୍ଜନ ନାଥ, ଢେଙ୍କାନାଳ ଚାମ୍ବର ଅଫ କମର୍ସର ଅଧ୍ୟକ୍ଷ ସନ୍ତୋଷ ରଥ, ଓଡ଼ିଶା ଚାମ୍ବର ଅଫ କମର୍ସର ସଭାପତି ବ୍ରିଜମୋହନ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଢେଙ୍କାନାଳ ଚାମ୍ବର ଅଫ କମର୍ସ ୧୯୭୫ରେ ଆରମ୍ଭ ହୋଇଥିବା ବେଳେ ୫୦ ବର୍ଷରେ ପହଞ୍ଚିଛି। ଏହି ଅବସରରେ ଅନୁଷ୍ଠାନର ୫୦ ଜଣ ବରିଷ୍ଠ ବ୍ୟକ୍ତି, ପରିବାରକୁ ସେମାନଙ୍କର ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ପରେ ସୁନାମଧନ୍ୟ ଗାୟିକା ଓ ଗାୟକଙ୍କ ଦ୍ୱାରା ପୁରୁଣା ଗୀତକୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ରାଜକିଶୋର ହିନ୍ଦୋଚା, ରାଜକିଶୋର ବେହେରା, ଉପସଭାପତି ଶିବପ୍ରସାଦ ପଣ୍ଡାଙ୍କ ସହ ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ବ୍ୟବସାୟୀ ଉପସ୍ଥିତ ଥିଲେ।




● ଯୌତୁକ ନିର୍ଯାତନା ଅଭିଯୋଗ

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ; ସ୍ୱାମୀ ଓ ଶାଶୂ ଗିରଫ

କଣିହାଁ, ୧୬ ।୨(ସମିସ): କଣିହାଁ ବ୍ଲକ ଏନଟିପିସି ଟାଉନ ଥାନା ବିଜୁଗୋଳ ଗ୍ରାମରେ ଶନିବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ବିଜୁଗୋଳ ଗ୍ରାମର ବିକାଶ ନାଏକ (୩୦)ଙ୍କ ସ୍ତ୍ରୀ ମମତା ନାଏକ (୨୪)। ଯୌତୁକ ପାଇଁ ମମତାଙ୍କ ଶାଶୂଘର ଲୋକେ ତାଙ୍କୁ ହତ୍ୟା କରିଥିବା ଭାଇ ନିଶାମଣି ନାଏକ ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁକରି ମମତାଙ୍କ ସ୍ୱାମୀ ବିକାଶ ଓ ଶାଶୂ ଅନ୍ନପୂର୍ଣ୍ଣା (୫୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପଟେ ରବିବାର ମମତାଙ୍କ ମୃତଦେହ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ସନ୍ତୋଷ କୁମାର ସେଠୀ ସୂଚନା ଦେଇଛନ୍ତି। ଖମାର ଥାନା ଜେନାପଡ଼ା ଗ୍ରାମର ମମତା ବିକାଶଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ଅଧିକ ଯୌତୁକ ଆଣିବା ପାଇଁ ଶାଶୂଘର ଲୋକେ ତାଙ୍କୁ ସବୁବେଳେ ନିର୍ଯାତନା ଦେଉଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

## ପୂର୍ବତନ ପ୍ରଧାନଶିକ୍ଷକଙ୍କ ପରଲୋକ



କିଶୋରନଗର, ୧୬ ।୨(ସମିସ): କିଶୋରନଗର ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ତଥା ହିମିତିରାର ପ୍ରମୋଦ କୁମାର ସାହୁଙ୍କର ରବିବାର ପରଲୋକ ଘଟିଛି। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥୁଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅନୁଗୋଳ, ୧୬ ।୨(ସମିସ): ଅନୁଗୋଳ ଜିଲ୍ଲା ଉତ୍ତରପଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପୂର୍ଣ୍ଣିମା ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୯ ନଂ ୱାର୍ଡ କାଉନସିଲର ବଳରାମ ଜେନା, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ସାରଦା ଦେବୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁର ସଭାପତି ବୃନ୍ଦାବନ ସ୍ୱାଇଁ, ଶିକ୍ଷୟିତ୍ରୀ ସୁମତି ପ୍ରଧାନ, ପ୍ରଣତି ମିଶ୍ର, ଅଞ୍ଜନା ସାହୁ, କଳ୍ପନା ବିଜୟିନୀ ସ୍ୱାଇଁ, ଯଶସ୍ମିତା ସାହୁ, ମିତା ମିଶ୍ର, ସ୍ନେହଲତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ତିଲୋତ୍ତମା କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ବନାନୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# ସ୍ୱାସ୍ଥ୍ୟ ଓ ସ୍ୱଚ୍ଛ ଭାରତ ସଚେତନତା କାର୍ଯ୍ୟକ୍ରମ





ଢେଙ୍କାନାଳ, ୧୬ ।୨(ସମିସ): ସଦର ବ୍ଲକ କାଙ୍କଡ଼ପାଳ ପଞ୍ଚାୟତ ସରଖିଆ ଆଶ୍ରମ ସ୍କୁଲରେ ପିପିଏଚ୍‌ଏଫ୍ ଦ୍ୱାରା ଚାଳିତ ମୋବାଇଲ୍ ମେଡିକାଲ୍ ୟୁନିଟ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଓ ସ୍ୱଚ୍ଛ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟ ଶିବିରର ୨୦୦ରୁ ଅଧିକ ବାଳକ ଓ ବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯିବା ସହ ସେମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଶିବିରରେ ପିପିଏଚ୍‌ଏଫ୍‌ର କର୍ମକର୍ତ୍ତା, ମେଡିକାଲ୍ ଅଫିସର ଡା. ସୁଧାଂଶୁବାଳା ପାଣିଗ୍ରାହୀ, ଫାର୍ମାସିଷ୍ଟ ପ୍ରତାପ କୁମାର ଶୁକ୍ଲା, ଏଲ୍‌ଟି ସନ୍ତୋଷ ସେଠୀ, ଏଏନ୍‌ଏମ୍ ସୁଭଦ୍ରା ବେହେରା, ବିନୋଦ ମଲ୍ଲିକ, ଆର୍‌ବିଏସ୍‌କେ ଟିମ୍‌ର ମେଡିକାଲ୍ ଅଫିସର ଡା. ଓମ୍‌ପ୍ରକାଶ ବରାଳ, ଡା. ଚିନ୍ମୟୀ ଦେବୀ, ଫାର୍ମାସିଷ୍ଟ ଅରବିନ୍ଦ ଶତପଥୀ, ଏଏନ୍‌ଏମ୍ ରଶ୍ମିତା ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଅନିଲ ରଞ୍ଜନ ଦାସ, ଶିକ୍ଷୟିତ୍ରୀ ମମତା ସାହୁ, ସୁଫଳା ସ୍ୱାଇଁ, ବିଦ୍ୟୁଲତା ସାମଲ, କନିଷ୍ଠ ଶିକ୍ଷକ ଦିବାକର ସମାଡ଼, ଡବ୍ଲ୍ୟୁଇଓ ଅୟସକାନ୍ତ ଦାସ, ନନ୍ଦିନୀ ନାୟକ, ସୁଷମା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଞ୍ଜିତା ସାହୁ, ମମତା ଦେବୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସର ସଫେଇ କରାଯାଇଥିଲା। ସୂଚନାଯୋଗ୍ୟ, ଏସ୍‌ବିଆଇଏଫ୍ ସଞ୍ଜୀବନୀ କ୍ଲିନିକ୍ ଅନ୍ ହ୍ୱିଲ୍ସ ପ୍ରକଳ୍ପ ଏସ୍‌ବିଆଇ ଫାଉଣ୍ଡେସନ୍ ତରଫରୁ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱରେ ଢେଙ୍କାନାଳ ଜିଲ୍ଲାରେ ସଞ୍ଚାଳିତ ହେଉଛି। ସ୍ୱାସ୍ଥ୍ୟ ସୁବିଧା ଯୋଗାଣ ସହ ସଚେତନତା ସୃଷ୍ଟି ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ।

## ଷ୍ଟାଫ୍ ନର୍ସଙ୍କ ମାଡ଼ରେ ଆଟେଣ୍ଡାଣ୍ଟ ଲହୁଲୁହାଣ

ଅନୁଗୋଳ, ୧୬ ।୨(ସମିସ): ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଷ୍ଟାଫ୍ ନର୍ସଙ୍କ ମାଡ଼ରେ ଲହୁଲୁହାଣ ହୋଇଛନ୍ତି ଆଟେଣ୍ଡାଣ୍ଟ। ଷ୍ଟାଫ୍ ନର୍ସ ଗୀତା ସ୍ୱାଇଁ ଚିକିତ୍ସାଳୟର ଲେବର ରୁମ୍ ବାହାରେ ଆଟେଣ୍ଡାଣ୍ଟ ବୈଦେହୀ ବେହେରାଙ୍କୁ ମାଡ଼ ମାରିଥିବା ଏବଂ ଏହି ଘଟଣା ସମ୍ପର୍କରେ କାହାକୁ କହିଲେ କିମ୍ବା ଗଣମାଧ୍ୟମକୁ ଜଣାଇଲେ ଚାକିରିରୁ ଛଟେଇ କରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଫଳରେ ଭୟରେ ବୈଦେହୀ ଏନେଇ କାହାକୁ କିଛି କହି ନ ଥିଲେ। ତେବେ ଏହି ଘଟଣା ଚିକିତ୍ସାଳୟରେ ପ୍ରଚାରିତ ହେବାରୁ ବାଧହୋଇ ସେ ନ୍ୟାୟ ପାଇଁ ଗଣମାଧ୍ୟମକୁ ସମସ୍ତ ସୂଚନା ଦେଇଛନ୍ତି। ଏ ନେଇ ସିଡିଏମ୍‌ଓଙ୍କୁ ପଚାରିବାରୁ କହିଛନ୍ତି, ଘଟଣା ବିଷୟରେ ମୁଁ ବୁଝୁଛି। ଯିଏ ଦୋଷ କରିଛି ତାକୁ ଦଣ୍ଡ ମିଳିବ। ଅନ୍ୟପଟେ ପୂର୍ବରୁ ମଧ୍ୟ ଷ୍ଟାଫ୍ ନର୍ସ ଗୀତାଙ୍କ ମନମାନିରେ ରୋଗୀ ଏବଂ କର୍ମଚାରୀ ଅତିଷ୍ଠ ହୋଇ ଅଭିଯୋଗ କରିଥିବା ନଜିର ରହିଛି। ଏଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

# ଅଲସୁଆ ହାଟର ମୁଖ୍ୟ ପ୍ରବେଶପଥ ବିପର୍ଯ୍ୟସ୍ତ

ଢେଙ୍କାନାଳ, ୧୬ ।୨(ସମିସ): ଢେଙ୍କାନାଳ ସହରସ୍ଥିତ ଅଲସୁଆ ହାଟ ଦିନକୁ ଦିନ ଅସୁରକ୍ଷିତ ହୋଇପଡୁଛି। ହାଟର ମୁଖ୍ୟ ପ୍ରବେଶପଥ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ମରାମତି ବି ହେଉନାହିଁ। ଏହି ହାଟ ଢେଙ୍କାନାଳ ସହରର ମୁଖ୍ୟ ବ୍ୟବସାୟ କେନ୍ଦ୍ର। ପୌରାଞ୍ଚଳ ବାସିନ୍ଦା ସମେତ ସହର ଚତୁଃପାର୍ଶ୍ୱରୁ ଚାଷୀ ଓ ବ୍ୟବସାୟୀମାନେ ନିଜ ଉତ୍ପାଦିତ କୃଷି ସାମଗ୍ରୀ ଓ ଅନ୍ୟାନ୍ୟ ଜିନିଷପତ୍ର ଏଠାରେ କିଣାବିକା କରିଥାନ୍ତି। ଗତ ୨ ବର୍ଷ ହେଲା ପୌର ପ୍ରଶାସନ ପକ୍ଷରୁ ଏଠାରେ ସ୍ଥାୟୀ ପିଣ୍ଡି ଏବଂ ରାସ୍ତାଘାଟ ତିଆରି କରାଯାଇଥିଲା। ହାଟ ଭିତରକୁ ପ୍ରବେଶ ପାଇଁ ସୁରକ୍ଷା ଦୃଷ୍ଟିରୁ ଗୋଟିଏ ପଥ ରଖାଯାଇଛି। ତେବେ ନିମ୍ନ ମାନର କାମ ଯୋଗୁଁ ବର୍ଷେ ନ ପୂରୁଣୁ ପ୍ରବେଶପଥ ଭାଙ୍ଗିରୁଜି ଗଲାଣି। ଅନେକ ଚାଷୀ, ବ୍ୟବସାୟୀ ମୋପେଡ୍ ଗାଡ଼ିରେ ଜିନିଷ ପତ୍ର ନେବାଆଣିବା କରୁଥିବା ବେଳେ ଏହି ରାସ୍ତାରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଗାଈଗୋରୁ, ଷଣ୍ଢ ପରିବା ବିକାଳିଙ୍କ ଉପରେ ଦାଉ ସାଧୁଛନ୍ତି। ବେଳେ ବେଳେ ସେମାନଙ୍କ ମଧ୍ୟରେ ଲଢ଼େଇ ଯୋଗୁଁ ବ୍ୟବସାୟୀମାନେ ଜୀବନ ବଞ୍ଚାଇବାକୁ ଏଣେତେଣେ ଦୌଡୁଥିବା ଦେଖିବାକୁ ମିଳୁଛି। ଗାଈଗୋରୁ, ଷଣ୍ଢ ଓ ଭାରୀଯାନ ହାଟ ମଧ୍ୟକୁ ପ୍ରବେଶ ନ କରିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ହାଟ ପାଚେରି କଡ଼ରେ ଥିବା ପେଭର ବ୍ଲକ ରାସ୍ତା ସଫା କରାଯାଉନାହିଁ। ତୁରନ୍ତ ରାସ୍ତା ସହ ହାଟ ପରିସର ସଫେଇ ଓ ରାସ୍ତା ମରାମତି କରିବା ପାଇଁ ବ୍ୟବସାୟୀ ଓ ଖାଉଟି ଦାବି କରିଛନ୍ତି।



# ଆନ୍ଦୋଳନ ପାଇଁ ଓଷ୍ଟାର ପ୍ରସ୍ତୁତି ବୈଠକ

ଅନୁଗୋଳ, ୧୬ ।୨(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ଅନୁଗୋଳ ଜିଲ୍ଲା ଶାଖା ଆହ୍ୱାନ କ୍ରମେ ରବିବାର ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠାନର ଜିଲ୍ଲା ସଭାପତି ପ୍ରାଣବନ୍ଧୁ ସାହୁଙ୍କ ସଭାପତିତ୍ୱରେ ପ୍ରସ୍ତାବିତ ଆନ୍ଦୋଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଜିଲ୍ଲାସ୍ତରୀୟ ଏହି ସମ୍ମିଳନୀରେ ୬୬୨ ବର୍ଗ କଲେଜ, ଅନୁଦାନଯୋଗ୍ୟ ବିଦ୍ୟାଳୟ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶତାଧିକ କାର୍ଯ୍ୟରତ, ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଯୋଗଦେଇଥିଲେ। ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଦାସ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ଚାକିରି ସର୍ତ୍ତାବଳୀ ସହ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀଙ୍କୁ ପେନସନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ଅବସରକାଳୀନ ସୁବିଧା ପ୍ରଦାନ ଆଦି ପ୍ରମୁଖ ଦାବି ତୁରନ୍ତ ପୂରଣ କରିବା ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ଉଦ୍ଦେଶ୍ୟରେ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଭୁବନେଶ୍ୱରରେ ମହାସମାବେଶ ଓ ଅହୋରାତ୍ର ଗଣଧାରଣା ଅନୁଷ୍ଠିତ ହେବ ବୋଲି ଏହି ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଛି। ଭୁବନେଶ୍ୱର ମହାସମ୍ମିଳନୀରେ ବିପୁଳ ସଂଖ୍ୟାରେ ଶିକ୍ଷକ କର୍ମଚାରୀ ଯୋଗଦେବାକୁ ଅନୁରୋଧ କରାଯାଇଛି। ଶେଷରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ମେଧାବୃତ୍ତି ପରୀକ୍ଷା

ଗଁଦିଆ, ୧୬ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କରମୂଳ ଆମ୍ବପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୬ତମ ରାଜ୍ୟସ୍ତରୀୟ ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷା-୨୦୨୪-୨୫ ଅନୁଷ୍ଠିତ ହେଇଛି। ପରୀକ୍ଷାରେ ଆଞ୍ଚଳିକ ସ୍ତରରେ ମୋଟ ୬୪ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଐରା ଆବାସିକ ବିଦ୍ୟାଳୟ, ଆମ୍ବପଡ଼ା ସରସ୍ୱତୀ ଶିଶୁ ମନ୍ଦିର, ପିଙ୍ଗୁଆ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ପ୍ରଧାନଆଚାର୍ଯ୍ୟା ରୀନା ସ୍ୱାଇଁ, କେନ୍ଦ୍ର ପର୍ଯ୍ୟବେକ୍ଷକ ରୀତାଞ୍ଜଳି ବେହେରା ଓ ଦ୍ୱାରିକା ପ୍ରସାଦ ମହାନ୍ତି ପରୀକ୍ଷା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ୨୦୧୭ରୁ ୯ବର୍ଷ ଧରି ଆମ୍ବପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଜ୍ୟସ୍ତରୀୟ ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷା ଆୟୋଜନ କରାଯାଉଛି।

## ସାମ୍ବାଦିକଙ୍କ ପିତୃ ବିୟୋଗ



ହିନ୍ଦୋଳ, ୧୬ ।୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ବରିଷ୍ଠ ସାମ୍ବାଦିକ ସରୋଜ ମିଶ୍ରଙ୍କ ବାପା ସୁଜନ ମୋହନ ମିଶ୍ରଙ୍କର ୯୧ ବର୍ଷ ବୟସରେ ତାଙ୍କ ବାଙ୍କଟିଆସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବଡ଼ପୁଅ ଶ୍ରୀନିବାସ ମିଶ୍ର, ମଝିଆ ପୁଅ ସାମ୍ବାଦିକ ସରୋଜ ମିଶ୍ର, ସାନପୁଅ ମନୋଜ ମିଶ୍ରଙ୍କ ସମେତ ତିନି ବୋହୂ ଉପସ୍ଥିତ ଥିଲେ। ଗ୍ରାମ ଶଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶ୍ରୀନିବାସ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ସୁଜନ ମୋହନ ମିଶ୍ର ଜଣେ ଧର୍ମପରାୟଣ, ମେଳାପୀ ତଥା ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ହିନ୍ଦୋଳ ସାମ୍ବାଦିକ ସଙ୍ଘର ସମସ୍ତ ସଦସ୍ୟ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ



ଅନୁଗୋଳ, ୧୬ ।୨(ସମିସ): ଚମ୍ପତିମୁଣ୍ଡାସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଦୀର୍ଘ ୩ ମାସ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ଶିବିର ଶନିବାର ଉଦଯାପିତ ହୋଇଛି। ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜୁଡୋ ଆସୋସିଏସନ୍ ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ଯୋଗଦେଇ ଆତ୍ମରକ୍ଷା କୌଶଳ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସିଦ୍ଧାର୍ଥ ଶଙ୍କର ବରାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଳିକାମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣର ଆବଶ୍ୟକତା ଓ ଏହା ବାଳିକାମାନଙ୍କୁ କିଭଳି ସୁରକ୍ଷିତ ରଖିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। କ୍ରୀଡ଼ା ଶିକ୍ଷକ ଆଲୋକ କୁମାର ଓ କ୍ରୀଡ଼ା ଶିକ୍ଷୟିତ୍ରୀ ସୁଚିତ୍ରା ପ୍ରିୟଦର୍ଶିନୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ ସିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଅନୁଗୋଳ ତାଏକ୍ୱୋଣ୍ଡୋ ଆସୋସିଏସନ୍ ସମ୍ପାଦକ ଓ ପ୍ରତିଷ୍ଠାତା ଦୁଷ୍ମନ୍ତ କୁମାର ନାଥ ଓ ବିଜୁ କନ୍ୟାରତ୍ନ ପୁରସ୍କାରପ୍ରାପ୍ତ ଜାତୀୟ ଖେଳାଳି ଯସ୍ମିନ ସାହୁ ବାଳିକାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## ରାଜ୍ୟସ୍ତରୀୟ ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରାଉରକେଲାକୁ ହରାଇ ଏନଏନୱାଇସି ଭୁବନେଶ୍ୱର ଚାମ୍ପିଅନ

ପାଲଲହଡ଼ା, ୧୬ ।୨(ସମିସ)

ପାଲଲହଡ଼ା ଷ୍ଟାଡିୟମରେ ଜୟ ଶ୍ରୀରାମ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ସପ୍ତମ ରାଜ୍ୟସ୍ତରୀୟ ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚରେ ୱାଇସିସି ରାଉରକେଲାକୁ ହରାଇ ଭୁବନେଶ୍ୱର ଏନଏନୱାଇସି କ୍ରିକେଟ କ୍ଲବ୍ ଚାମ୍ପିଅନ ହୋଇଛି। ଟସ ଜିତି ଭୁବନେଶ୍ୱର ଏନଏନୱାଇସି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୧୬୭ ରନ ସଂଗ୍ରହ କରିଥିଲା। ଜବାବରେ ରାଉରକେଲା ୱାଇସିସି ୨୧.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୪ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଜୟ ଶ୍ରୀରାମ କ୍ରିକେଟ କ୍ଲବ ସଭାପତି ବରିଷ୍ଠ ସାମ୍ବାଦିକ ରଘୁନନ୍ଦନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଦଳକୁ ୪୧ ହଜାର ଟଙ୍କା ଆର୍ଥିକ ପୁରସ୍କାର ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୨୧ ହଜାର ଟଙ୍କା ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। ଭୁବନେଶ୍ୱର ଦଳର ନିଲୁ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ, ବେଷ୍ଟ ବୋଲର, ଆର୍ ଜୋସେଫ ମ୍ୟାନ୍ ଅଫ ଦି ସିରିଜ, ଶୁଭ୍ରାଂଶୁ ମହାରଣା ବେଷ୍ଟ ବ୍ୟାଟର ଭାବେ ବିବେଚିତ ହୋଇ ପୁରସ୍କାର ଗ୍ରହଣ କରିଥିଲେ।

ଅମ୍ପାୟର ରଞ୍ଜିତ ସାମଲ ଓ ରୂପେଶ ପ୍ରଧାନ ଖେଳ ପରିଚାଳନା କରିଥିବା ବେଳେ ଏମଡି ଅଲତାଫ ଆନସାରୀ, ସଞ୍ଜୟ ସାହୁ ଓ ଅଜିତ କୁମାର ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ଜୟ ଶ୍ରୀରାମ କ୍ରିକେଟ କ୍ଲବର ସାଧାରଣ ସମ୍ପାଦକ ଦିଲୀପ କୁମାର ଉଦାବଳ, ଉପସଭାପତି ସତ୍ୟନାରାୟଣ ବୋଷ, ଉପଖଣ୍ଡ କ୍ରୀଡ଼ା ସଂସଦ ସମ୍ପାଦକ ନରେନ୍ଦ୍ର ଭୁକ୍ତା, ବରିଷ୍ଠ ସଦସ୍ୟ ମାନସ ରଞ୍ଜନ ଭଞ୍ଜ, ସୁଶୀଲ ସାମଲ, ବିଷ୍ଣୁପ୍ରସାଦ ବେହେରା, ଆଇନଜୀବୀ ତନ୍ମୟ ସାହୁ, ସଦସ୍ୟ ସୁଶୀଲ ଉଦାବଳ, ପ୍ରମୁଖ ମଞ୍ଚାସୀନ ଥିଲେ। ଅଜିତ ପ୍ରଧାନ ସଭା ପରିଚାଳନା କରିଥିଲେ। ସଦସ୍ୟ ବିଷ୍ଣୁପ୍ରସାଦ ସାହୁ, ଶିବ ପ୍ରସାଦ ସାହୁ, ତପନ ଗଡ଼ନାୟକ, ସନ୍ଦୀପ ଦ୍ୱିବେଦୀ, ଦିଗମ୍ବର ଗଡ଼ନାୟକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।



## 'ପରୀକ୍ଷା ସମୟରେ ବିଦ୍ୟାଳୟ ପରିସରରେ କ୍ରୀଡ଼ା ବା ସାଂସ୍କୃତିକ କାର୍ଯ୍ୟକ୍ରମ ହେବନାହିଁ'

**କେନ୍ଦ୍ରାପଡା,୧୬।୨(ସମିସ):** ଆସନ୍ତା ମାଟ୍ରିକ ପରୀକ୍ଷା ଦୃଷ୍ଟିରୁ ଜିଲ୍ଲାର କୌଣସି ବିଦ୍ୟାଳୟର ଶ୍ରେଣୀଗୃହ, ବିଦ୍ୟାଳୟ ପରିସର କିମ୍ବା ଖେଳପଡିଆକୁ କେହି କ୍ରୀଡା ବା ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ବ୍ୟବହାର କରିପାରିବେନି ବୋଲି ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଚଳିତ ଫେବୃୟାରୀମାସ ୧୮ ତାରିଖରୁ ଆସନ୍ତା ମାର୍ଚ୍ଚମାସ ୨୭ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟର ମାଟ୍ରିକ ଏବଂ ଅନ୍ୟାନ୍ୟ ପରୀକ୍ଷା ଅନୁଷ୍ଠିତ ହେଉଥିବାରୁ ସେହି ସମୟ ମଧ୍ୟରେ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟର ଶ୍ରେଣୀଗୃହ, ପରିସର ଏବଂ ଖେଳପଡିଆକୁ କ୍ରୀଡା କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ କେହି ବ୍ୟବହାର କରିପାରିବେ ନାହିଁ। ଯଦି କେହି ବ୍ୟବହାର କରନ୍ତି ତେବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳଙ୍କ ଏହି ନିର୍ଦ୍ଦେଶନାମା ରେ ଉଲ୍ଲେଖ ରହିଛି। ଜିଲ୍ଲାପାଳଙ୍କ ଏପରି ନିର୍ଦ୍ଦେଶକୁ ଜିଲ୍ଲାବାସୀ ସ୍ୱାଗତ କରିଛନ୍ତି।

## ବ୍ଲକ୍‌ସ୍ତରୀୟ ନିଯୁକ୍ତି ମେଳାରେ ଯୋଗଦେଲେ ୯ଟି କମ୍ପାନୀ

**ପଟ୍ଟାମୁଣ୍ଡାଇ,୧୬।୨(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ୍‌ସ୍ତରୀୟ ନିଯୁକ୍ତି ମେଳାରେ ୯ଟି କମ୍ପାନୀ ଯୋଗ ଦେଇ ୧୮ ରୁ ୩୫ ବର୍ଷ ବୟସ୍କ ଯୁବକ ଯୁବତୀମାନଙ୍କୁ ସେମାନଙ୍କ କମ୍ପାନୀରେ ଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ଶନିବାର ପଟ୍ଟାମୁଣ୍ଡାଇ ବ୍ଲକ ପରିସରରେ ଅନୁଷ୍ଠିତ ନିଯୁକ୍ତି ମେଳାରେ ୩୦୦ରୁ ଅଧିକ ଯୁବକ ଯୁବତୀ ଯୋଗ ଦେଇଥିଲେ। ସମ୍ପ୍ରତି ରାଜ୍ୟ ସରକାର ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇ ଦେବା ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଯୁବକଯୁବତୀଙ୍କୁ ଦକ୍ଷତାସମ୍ପନ୍ନ କରି ରୋଜଗାରକ୍ଷମ କରାଇବା ପାଇଁ ସରକାର ସ୍କିଲ୍ ଡେଭଲପମେଣ୍ଟ ପ୍ରାଧିକରଣ ଗଠନ କରିଛନ୍ତି।ଏହାଦ୍ୱାରା ରାଜ୍ୟର ବେକାର ଯୁବକଯୁବତୀମାନଙ୍କୁ ରୋଜଗାର ଯୋଗାଇ ଦିଆଯାଇ ପାରିବ। କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ, ଓଡ଼ିଶା ସରକାର ଦକ୍ଷତା ବିକାଶ ପ୍ରାଧିକରଣ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ପରିସରରେ ବ୍ଲକସ୍ତରୀୟ ନିଯୁକ୍ତି ମେଳାରେ ୯ଟି କମ୍ପାନୀ ଯୋଗ ଦେଇ ୧୮ରୁ ୩୫ ବର୍ଷ ଯୁବକଯୁବତୀଙ୍କୁ ସେମାନଙ୍କ କମ୍ପାନୀରେ ଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଇବା ସହିତ ଦକ୍ଷତା ବିକାଶ କରାଇ କର୍ମ ସଂସ୍ଥାନ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା କୌଶଳ ବିକାଶ ସଂଯୋଜକ ପ୍ରକାଶ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ନିଯୁକ୍ତି ଅନୁଷ୍ଠିତ ହୋଇଥିଲା।

## ପଟ୍ଟାମୁଣ୍ଡାଇରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ପଟ୍ଟାମୁଣ୍ଡାଇ,୧୬।୨(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ଅରଡ଼ା ବଜ୍ର ମହାକାଳୀ ଯୁବକ ସଂଘ ଓ ଆମ ଓଡିଶା ମିଳିତ ଆନୁକୂଲ୍ୟରେ ଡିଭାଇନ ପ୍ୟାଲେସ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଯୁବକ ସଂଘ ସଭାପତି ଆଡ଼ଭୋକେଟ ମନୋଜ କୁମାର ନାୟକଙ୍କ ପୌରହିତ୍ୟରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ରାଜନଗର ବିଧାୟକ ଧ୍ରୁବ ସାହୁ ଉଦଘାଟନ କରିଥିଲେ ।ଏହି ଶିବିରରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ,ଓକିଲ ସଂଘ ସଭାପତି ତପନ କୁମାର ମିଶ୍ର, ଜିଲ୍ଲା ସାମ୍ବାଦିକ ୟୁନିୟନ ଉପସଭାପତି ଅକ୍ଷୟ ସାହୁ,ଆଇନଜୀବୀ ବିଜ୍ଞାନ ମିହିର ଜେନା. ବରିଷ୍ଠ ସାମ୍ବାଦିକ ପତିତପାବନ ଭଦ୍ର,ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ସାମ୍ବାଦିକ ଜଗନ୍ନାଥ ଆଚାର୍ଯ୍ୟ, ଯୁବ ସମାଜସେବୀ ତପନ ପାତ୍ର,ଅର୍ଜୁନ ଚରଣ ନାୟକ, ଆଇନଜୀବୀ ପ୍ରବୀର ପାତ୍ର ଓ ହୃଦାନନ୍ଦ ମହାନ୍ତି ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।ଏହି ଶିବିରକୁ ପ୍ରଦୀପ ମହାନ୍ତି,ଗୌତମ ଦାସ, ସାରଦାପ୍ରସାଦ ମହାନ୍ତି, ଅଜିତ ନାୟକ,ଅସିତ ମହାନ୍ତି, ରଶ୍ମି ରଞ୍ଜନ ନାୟକ, କିଶୋର ଦାସ ପରିଚାଳନା କରିଥିବାବେଳେ ଉମାକାନ୍ତ ରାଉ. ମହେନ୍ଦ୍ର ଦାସ,ସୁନନ୍ଦ ସାହୁ,ତପନ କୁମାର ଦାସ,ବିକ୍ରମ ପାତ୍ର, ରଶ୍ମି ରଞ୍ଜନ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।ଏହି ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ଅଗ୍ନିକାଣ୍ଡରେ ଆଖୁ ଓ ବିରି ପୋଡ଼ି ପାଉଁଶ

**ରଘୁନାଥପୁର,୧୬।୨(ସମିସ):**ରଘୁନାଥପୁର ତହସିଲ ଅନ୍ତର୍ଗତ ବରାଗୋଳ ରାଜସ୍ୱ ଗ୍ରାମର ଉଣେଇସିମାଣିଆରେ ଅନ୍ୟ ଚାଷୀ ବିଲ ସଫା କରିବାକୁ କୁଟାରେ ନିଆଁ ଲଗାଇଥିଲେ। ଅସାବଧାନତା ହେତୁ ପାଖରେ ଥିବା ଆଖୁ ଓ ବିରି କ୍ଷେତରେ ନିଆଁ ଲାଗି ପୋଡି ପାଉଁଶ ହୋଇଯାଇଛି। ରବିବାର ସନ୍ଧ୍ୟା ୫ଟାରେ ତରୀକୁନ୍ଦ ରାଜସ୍ୱ ନିରୀକ୍ଷକ ଅଧୀନସ୍ଥ ବରାଗୋଳ ମୌଜାସ୍ଥ ଉଣେଇସୀମାଣିଆରେ ଏହି ତହସିଲ ଅନ୍ତର୍ଗତ କୁଆମଙ୍ଗା (ଗୋଠିଣା) ଗ୍ରାମର ସୁବାସ ନାୟକ ୫ ଏକର, ବରାଗୋଳ ମୌଜା ଗୋଠିଣା ଗ୍ରାମର ସୌମ୍ୟରଂଜନ ବେହେରାଙ୍କ ୧ ଏକର ଓ ଲକ୍ଷ୍ମୀଧର ବେହେରାଙ୍କ ୧୦ ଗୁଣ୍ଠ ଆଖୁ ପୋଡିଯାଇ ପାଉଁଶ ହୋଇଯାଇଛି। ବରାଗୋଳର ରମେଶ ମହାନ୍ତିଙ୍କ ୫ ଗୁଣ୍ଠ ଓ ରଘୁନାଥ ସ୍ୱାଇଁଙ୍କ ୫ ଗୁଣ୍ଠ ବିରି ପୋଡି ପାଉଁଶ ହୋଇଯାଇଛି। ରଘୁନାଥପୁର ଦମକଳ ବାହିନୀ ନିଆଁକୁ ଆୟତ୍ତ କରିବା ପୂର୍ବରୁ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା। ଏହି ଚାଷୀଙ୍କୁ ସରକାରୀ ସହାୟତା ପାଇଁ ଦାବି ହେଉଛି।

### ଦାମୋଦରଜୀଉ ବିଦ୍ୟାପୀଠରେ ଅବ୍ୟବସ୍ଥା

# ୨୧୦ ଛାତ୍ରଛାତ୍ରୀଙ୍କୁ ୬ ଶିକ୍ଷକ; ନାହାନ୍ତି ବିଜ୍ଞାନ ଶିକ୍ଷକ

**ପଞ୍ଚୁପାଣ୍ଡବ,୧୬।୨(ସମିସ)**



୧୯୮୭ରେ ସ୍ଥାପିତ ବ୍ଲକଗ୍ରାଣ୍ଟ ବିଦ୍ୟାଳୟରେ ପ୍ରଥମେ ୧୨ ଜଣ କର୍ମଚାରୀ ଯୋଗଦେଇଥିଲେ। ଏହି ବିଦ୍ୟାଳୟରେ ଏବେ ୧୨ ଜଣରୁ ୮ ଜଣ କର୍ମଚାରୀ ଅଛନ୍ତି ।ସେଥିମଧ୍ୟରୁ ପ୍ରାୟ ଦୁଇ ତିନି ମାସ ମଧ୍ୟରେ ଦୁଇ ଜଣ ଚତୁର୍ଥ କର୍ମଚାରୀ ଅବସର ନେବେ ବୋଲି ଜଣା ପଡ଼ିଛି। ଏମିତି ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମର ଦାମୋଦର ଜୀଉ ବିଦ୍ୟାପୀଠ ବଜାର ବିଦ୍ୟାଳୟରେ ।୧୨ ଜଣ କର୍ମଚାରୀ ମଧ୍ୟରୁ ୨୦୦୪ ମସିହାରେ ବିଜ୍ଞାନ ଶିକ୍ଷକ ସ୍ୱର୍ଗତ ଦିଲୀପ କୁମାର ସାହୁ ଙ୍କ ଦେହାନ୍ତ ହୋଇଥିଲା ।୨୦୨୧ ରେ ଚତୁର୍ଥ କର୍ମଚାରୀ ବୀରବର ସାହୁ ଏବଂ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଗରୁଡ଼ ଚନ୍ଦ୍ର ସାହୁ ଅବସର ନେଇଥିବା ବେଳେ ୨୦୨୩ ରେ କିରାଣୀ ବିପିନ ବିହାରୀ ପ୍ରଧାନ ଅବସର ନେଇଛନ୍ତି ।ଏବେ ଏହି ବର୍ଷ ଚାରି ମାସ ମଧ୍ୟରେ ଦୁଇ ଜଣ ଚତୁର୍ଥ କର୍ମଚାରୀ ଅବସର ନେବେ ବୋଲି ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମିଶ୍ର କହିଛନ୍ତି ।ଏହି ବ୍ଲକଗ୍ରାଣ୍ଟ ବିଦ୍ୟାଳୟରେ ଅଷ୍ଟମ,ନବମ ଏବଂ ଦଶମ ଶ୍ରେଣୀରେ ପ୍ରାୟ ୨୧୦ ଜଣ ଛାତ୍ର ଛାତ୍ରୀ ମାନେ ପାଠ ପଢୁଛନ୍ତି ।ବିଦ୍ୟାଳୟରେ ପିଲା ସଂଖ୍ୟା ବଢ଼ି ଚାଲୁଥିବା ବେଳେ ଶିକ୍ଷକ ମରୁଡି ଦେଖା ଗଲାଣି ।ଏ ଦିଗରେ ଶିକ୍ଷା ବିଭାଗ ଅଧିକାରୀମାନେ ଦୃଷ୍ଟି ନ ଦେଲେ ହଡ଼ା ମଲେ ଗୁହାଳ ଖାଲି ଭଳି ବିଦ୍ୟାଳୟର ପରିସ୍ଥିତି ହୋଇଯିବ ବୋଲି କିଛି ଅବସର ପ୍ରାପ୍ତ ଶିକ୍ଷକ କହିଛନ୍ତି ।୧୯୮୭ ମସିହାରୁ ବିଦ୍ୟାଳୟ ସ୍ଥାପିତ ହୋଇ ଥିଲା ବେଳେ ଜଣେ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟରେ ଦେଖିବାକୁ ମିଳିଲା ନାହିଁ ।ଏ ବିଦ୍ୟାଳୟ ସରକାରଙ୍କ ସାବତ ପୁଅ ଭଳି ଜଣା ପଡୁଥିଲା ବେଳେ ଶିକ୍ଷା ବିଭାଗର ଅବହେଳା ଯୋଗୁଁ ବିଦ୍ୟାଳୟର ଆୟୁଷ କମିବାରେ ଲାଗିଲାଣି ।ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ବିଦ୍ୟାଳୟକୁ ବିଜ୍ଞାନ ଶିକ୍ଷକ, ପିଅନ ଓ କିରାଣୀ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂଘବଦ୍ଧ ଆକ୍ରମଣରେ ୩ ଗୁରୁତର

**ବାଲିକୁଦା,୧୬।୨(ସମିସ):** ବାଲିକୁଦା ଥାନା ଅନ୍ତର୍ଗତ ମଲ୍ଲୀକାପୁର ଗ୍ରାମର କୃଷ୍ଣ ଚନ୍ଦ୍ର ସେଠୀଙ୍କ ପରିବାରବର୍ଗଙ୍କୁ ସେହି ଗ୍ରାମର କିଛି ଯୁବକ ସଂଘବଦ୍ଧ ଆକ୍ରମଣ କରି ଲହୁ ଲୁହାଣ କରି ଗୁରୁତର କରିଥିବା ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି କୃଷ୍ଣ। ଏନେଇ ପୁଲିସ ଅଭିଯୋଗକୁ ଗ୍ରହଣ କରିଥିବା ବେଳେ କୌଣସି ମାମଲା ରୁଜୁ ନକରି ଘଟଣାର ତଦନ୍ତ ଚଳାଇଥିବା ପୁଲିସ ସୂଚନା ଦେଇଛି।



ଅଭିଯୋଗରେ କୃଷ୍ଣ ଉଲ୍ଲେଖ କରିଛନ୍ତିକି କି ତାଙ୍କ ସାନ ପୁଅ ପ୍ରକାଶ ସେଠୀ ଗ୍ରାମରେ ଥିବା ନିରାକାର ମଠକୁ କୌଣସି ଏକ କାର୍ଯ୍ୟରେ ଯାଇ ଦିନ ପ୍ରାୟ ୨ ଟା ପରେ ଘରକୁ ଫେରୁଥିବା ବେଳେ ସେହି ଗ୍ରାମର କିଛି ଯୁବକ ତାଙ୍କୁ ମିଳିତ ଆକ୍ରମଣ କରିଥିଲେ। ଇଟାରେ ଛେଚି ପ୍ରକାଶର ମୁଣ୍ଡ ଫଟାଇ ଦେଇଥିବା ବେଳେ ବୋହୁ ଓ ନାତିଙ୍କୁ ମାଡ଼ ମାରି ଗୁରୁତର କରିଥିବା ଉଲ୍ଲେଖ ରହିଛି। ତେବେ ସମସ୍ତ ଗୁରୁତର ଆହତ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ଆଇନ ଆଗରେ ନ୍ୟାୟ ପାଇଁ ଭିକ୍ଷା କରିଥିବା ପ୍ରକାଶ କରିଛନ୍ତି କୃଷ୍ଣ ।ତେବେ ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି।

## ୫ଦଫା ଦାବି ନେଇ ଜନଶକ୍ତି ପାର୍ଟି କରିବ ସଚେତନତା ଯାତ୍ରା

**ପଟ୍ଟାମୁଣ୍ଡାଇ,୧୬।୨(ସମିସ):** ଓଡିଶାର ବିଭିନ୍ନ ସମସ୍ୟା ନେଇ ଜନଶକ୍ତି ପାର୍ଟି ସ୍ୱର ଉତ୍ତୋଳନ କରିବା ସହିତ ଆନ୍ଦୋଳନ କରିଆସୁଛି । ସମ୍ପ୍ରତି ୫ଦଫା ଦାବୀ ନେଇ ଏକ ଜନ ସଚେତନତା ଯାତ୍ରା କରିବାକୁ ପାର୍ଟି ଯୋଜନା କରିଛି । ଏ ସମ୍ପର୍କରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଜନଶକ୍ତି ପାର୍ଟି ରାଜ୍ୟ ସଭାପତି ଆଡ଼ଭୋକେଟ ପ୍ରଦୀପ ଦାଶ କହିଛନ୍ତି। ସେ କହିଛନ୍ତି ଯେ ଉଚ୍ଚଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ସୁଧମୁକ୍ତ ଶିକ୍ଷା ଋଣ,ଅନେକ ରାଜ୍ୟରେ ବିଦ୍ୟୁତ ବିଲ ଛାଡ଼ ହୋଇଥିବାରୁ ଓଡିଶା ବଳକା ବିଦ୍ୟୁତ ରାଜ୍ୟ ହୋଇଥିବାରୁ ବକେୟା ବିଦ୍ୟୁତ ବିଲ ଛାଡ଼,ଦରଦାମ ବୃଦ୍ଧି ନିୟନ୍ତ୍ରଣ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ସର୍ବୋପରି ଉତ୍କଳମଣି ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଭାରତରତ୍ନ ପ୍ରଦାନ ଆଦି ୫ଦଫା ଦାବି ନେଇ ଜନଶକ୍ତି ପାର୍ଟି ପକ୍ଷରୁ ଆସନ୍ତା ଏପ୍ରିଲ ୧ତାରିଖରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମସ୍ଥାନରୁ ଏକ ଜନସଚେତନତା ରଥ ସାରା ରାଜ୍ୟ ପରିକ୍ରମା କରିବ ବୋଲି ରାଜ୍ୟ ସଭାପତି ଆଡ଼ଭୋକେଟ ଶ୍ରୀ ଦାଶ ପ୍ରକାଶ କରିଛନ୍ତି।

# 'ଆମ ଗାଁ ଉତ୍ସବ'ର ଚତୁର୍ଥ ସନ୍ଧ୍ୟା



**ଡେରାବିଶ, ୧୬।୨(ସମିସ):** ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ଜହଙ୍ଗର ଗ୍ରାମସ୍ଥିତ କ୍ଷେତ୍ରପାଳିନୀଙ୍କ ପୀଠରେ ଗତ ୧୨ ତାରିଖରୁ ଜହଙ୍ଗର, ବାମ୍ବିଲୋ, ବିଶୋକ, କୁଅଁରପୁର, ପୁରିପଡ଼ା, ଖଟୁଆପଡ଼ା, ନରପା ଓ ମଠସାହି ଗ୍ରାମବାସୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଆସୁଥିବା 'ଆମ ଗାଁ ଉତ୍ସବ'ର ଗତକାଲି ଥିଲା ଚତୁର୍ଥ ସନ୍ଧ୍ୟା। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ସଭାପତି ମଦନ ମୋହନ ନାୟକ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଯୁବ ଆଇନଜୀବୀ ଶାନ୍ତିସ୍ୱରୂପ ଭୂୟାଁ, ମୁଖ୍ୟବକ୍ତା ଭାବେ ଅନୁଷ୍ଠାନର ଉପଦେଷ୍ଟା ତଥା ଶିକ୍ଷାବିତ୍ ଗୁରୁଚରଣ ସେଠୀ ଓ ସମ୍ମାନିତ ଅତିଥିଭାବେ ଖମୋଳ ପଞ୍ଚାୟତର ସରପଞ୍ଚ ତୃପ୍ତିମୟୀ କର, ମହାକାଳପଡ଼ା ବ୍ଲକ ଦେଉଳିପଡ଼ା ପଞ୍ଚାୟତର ସମିତିସଭ୍ୟ ସରୋଜ ପରିଡ଼ା, ନିହାର ରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇ ଗ୍ରାମ୍ୟ ଜୀବନ ଓ ପରିବେଶ କିପରି ସରସ ସୁନ୍ଦର ହେବ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅଞ୍ଚଳର ପ୍ରତିଷ୍ଠିତ ବ୍ୟକ୍ତି ଓ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ରାଜକିଶୋର ଜେନା ମଞ୍ଚ ସଂଯୋଜନା କରିଥିବା ବେଳେ ଶୈଳଜାନନ୍ଦନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଞ୍ଚଳର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ମା' କ୍ଷେତ୍ରପାଳିନୀ ଲୋକନାଟ୍ୟ ପରିଷଦ ପକ୍ଷରୁ 'ଆଖି କଥା ଆଉ ମାନୁନି ଲୁହ' ଗ୍ରାମର କଳାକାରମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା।

## ଅନୀଲ ସ୍ମାରକୀ ଗୋଲଡେନ୍ କପ୍ କ୍ରିକେଟ୍ ଉଦ୍‌ଘାଟିତ



**ଜଗତସିଂହପୁର,୧୬।୨(ସମିସ):** ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ପୁନଙ୍ଗ ସ୍ଥିତ ଜୟଦୁର୍ଗା ଯୁବ ଓ କ୍ରୀଡା ସଂଘ ଆନୁକୂଲ୍ୟରେ ଆୟୋଜିତ ଅନୀଲ ମେମୋରିଆଲ ଗୋଲଡେନ କପ୍ କ୍ରିକେଟ୍ ରବିବାର ମଧ୍ୟାହ୍ନରେ ଉଦ୍‌ଘାଟିତ୍ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ,ପୌରାଧ୍ୟକ୍ଷ ଅର୍ଚ୍ଚନା ସିଂ,ବରିଷ୍ଠ ରାଜନେତା ନଟବର ବାରିକ,ସାମାଜିକ କର୍ମୀ ସୁନୀଲ ଅଧିକାରୀ ଏବଂ ଇଂ ବସନ୍ତ କୁମାର ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦୀର୍ଘ ବର୍ଷ ଧରି ଏଭଳି ଏକ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରି ଆସୁଥିବାରୁ ଯୁବ ଓ କ୍ରୀଡା ସଂଘର କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଜଣାଇବା ସହିତ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଉତ୍ସବ ପରିଚାନାରେ ସାମାଜିକ କର୍ମୀ ସୁଦର୍ଶନ ବେହେରା, କ୍ରୀଡା ସଂଘର କର୍ମକର୍ତା ପ୍ରତାପ ମହାନ୍ତି,ବଦ୍ରି ମହାନ୍ତି ଏବଂ ଅଶୋକ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ୍‌ରେ ପାରାଦୀପର ଡାଇମଣ୍ଡ କ୍ରିକେଟ୍ କ୍ଲବ୍‌କୁ ୨୯ ରନ୍‌ରେ ପରାସ୍ତ କରି କଟକର ବିଡାନାସୀ କ୍ରିକେଟ୍ କ୍ଲବ୍ ବିଜୟୀ ହୋଇଥିଲା। ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ବିଡାନାସୀ କ୍ରିକେଟ୍ କ୍ଲବ୍ ନିର୍ଦ୍ଧାରିତ ୨୦ ଓଭରରେ ୧୮୦ ରନ୍ କରିଥିଲା। ଏହାର ଜବାବରେ ଡାଇମଣ୍ଡ କ୍ରିକେଟ୍ କ୍ଲବ୍ ସମସ୍ତ ୱିକେଟ୍ ହରାଇ ୧୫୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ମ୍ୟାଚ୍ ପରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା ହାବିଲଦାର ସଂଘର ସଭାପତି ରଶ୍ମିରଞ୍ଜନ ଆଚାର୍ଯ୍ୟ,ବ୍ୟାଙ୍କ ଅଫ ମହାରାଷ୍ଟ୍ରର ପରିଚାଳକ ବିଜୟ ଜେନା,ତ୍ରିଲୋଚନ ସାହୁ,ଶୀତେଶ ପାଲ ଏବଂ ଅମୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ବିଡାନାସୀର ସରୋଜ କୁମାର ପଣ୍ଡାଙ୍କୁ ଶ୍ରେଷ୍ଠ ଖେଳ ପ୍ରଦର୍ଶନ ପାଇଁ ମ୍ୟାନ୍ ଅଫ ଦି ମ୍ୟାଚ୍ ଏବଂ ଅନ୍ୟ କୃତି ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ। ସଞ୍ଜୀବ ବେହେରା ଓ ଜୟନ୍ତ ଦାସ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଶେଷରେ ସୌରଜିତ୍ ଦେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କନିକା ବିଦ୍ୟାଳୟ ହୀରକ ଜୟନ୍ତୀ ଉତ୍ସବ ପାଇଁ କର୍ମକର୍ତ୍ତା ଚୟନ

**ରାଜକନିକା,୧୬।୨(ସମିସ):** ଆୟତନରେ ପ୍ରତିଷ୍ଠିତ ହୋଇଥିବା କନିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାର ହୀରକ ଜୟନ୍ତୀ ବର୍ଷକୁ ଆକର୍ଷଣୀୟ ଭାବରେ ପାଳନ କରିବାକୁ ଚୟନ କରାଯାଇଥିବା ପରିଚାଳନା କମିଟି ମଧ୍ୟରୁ କର୍ମକର୍ତ୍ତା ଚୟନ କରାଯାଇଛି। ବିଦ୍ୟାଳୟ ପରିସରରେ ଆଜି ଅନୁଷ୍ଠିତ ପରିଚାଳନା କମିଟି ଦ୍ୱାରା ସର୍ବସମ୍ମତି କ୍ରମେ ବାଞ୍ଛାନିଧି ସୁତାର ସଭାପତି, ଗୁରୁଚରଣ ଭୂୟାଁ ଉପ ସଭାପତି, ନବକିଶୋର ସୁତାର ସମ୍ପାଦକ, ବସୁଦେବ ସ୍ୱାଇଁ ଓ ଦେବବ୍ରତ ବେହେରା ସହ ସମ୍ପାଦକ ଏବଂ ପଦ୍ମ ଚରଣ ରାଉତ କୋଷାଧ୍ୟକ୍ଷ ଭାବରେ ଚୟନ ହୋଇଛନ୍ତି । ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଏକ୍ସ ଅଫିସିଓ ମେମ୍ବର ଭାବରେ ଏହି କମିଟିକୁ ନିଆଯାଇଛି ଆଜିର ବୈଠକରେ ଚୟନ ହୋଇଥିବା କର୍ମକର୍ତ୍ତାଙ୍କ ସହ ସର୍ବଶ୍ରୀ ରାଜକିଶୋର ସ୍ୱାଇଁ, ହରେକୃଷ୍ଣ ନାୟକ,ବିଦ୍ୟାଧର ତ୍ରିପାଠୀ, ନିର୍ମଳ ଜେନା, ସୁକାନ୍ତ ଦାଶ, ଲଳିତ ମୋହନ ରାୟ,ସୁକାନ୍ତ ଜେନା, ନଳିନୀକାନ୍ତ ଧଳ, ମହେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପୋତାରୀ ବସ୍‌ଷ୍ଟପ୍‌କୁ ମୁଖ୍ୟମନ୍ତ୍ରୀ ବସ୍ ସେବା ଠପ୍

# ଅଞ୍ଚଳବାସୀଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ

**ମାର୍ଶାଘାଇ,୧୬ ।୨(ସମିସ)**




ମାର୍ଶାଘାଇ ବ୍ଲକ ମଙ୍ଗରାଜପୁର ପଞ୍ଚାୟତର ପୋତାରୀ ବସଷ୍ଟପ୍‌ରେ ବସସେବା ଠପ୍ ହେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜୁଛି। ବସଷ୍ଟପ ନିକଟକୁ ଅଣଓସାରୀ ରାସ୍ତା ଯୋଗୁ ମୁଖ୍ୟମନ୍ତ୍ରୀ ବସ ଚଳାଚଳ ସମସ୍ୟା ଯୋଗୁ ପଞ୍ଚାୟତବାସୀ ମୁଖ୍ୟମନ୍ତ୍ରୀ ବସସେବା ପାଇବାରୁ ବଞ୍ଚିତ ହେବାକୁ ପଡ଼ିଛି ।ମାର୍ଶାଘାଇ ବ୍ଲକ ସଦର ମହକୁମା ବସଷ୍ଟାଣ୍ଡ ନିକଟରୁ ପ୍ରାୟ ୧୭କିମି ଦୂର ମଙ୍ଗରାଜପୁର ପଞ୍ଚାୟତର ପୋତାରୀ ମାର୍ଶାଘାଇ ବ୍ଲକ ସୀମାବର୍ତ୍ତୀ ଅଞ୍ଚଳ ରହିଛି । ସାଧାରଣ ଲୋକଙ୍କୁ ବ୍ଲକସଦର ମହକୁମାରେ ପହଞ୍ଚିବାକୁ ଅନ୍ୟ କୌଣସି ଯାନବାହାନ ଚଳାଚଳ ବ୍ୟବସ୍ଥା ନାହିଁ। ମାର୍ଶାଘାଇ ଜାତୀୟ ରାଜପଥରେ ହଳଦୀଆଗଡା ଭାୟାଦେଇ ବେରୁହାଁରୁ ମଙ୍ଗରାଜପୁର ପୋତରୀ ସୁଦୀର୍ଘ ରାସ୍ତା ଅଞ୍ଚଳବାସୀଙ୍କୁ ଉପଯୁକ୍ତ ପରିବହନ ସୁବିଧା ଯୋଗାଇ ଦେବାକୁ ପ୍ରଶାସନ ଅବହେଳାରୁ ମୁଖ୍ୟମନ୍ତ୍ରୀ ବସ ଗଡ଼ିପାରୁ ନାହିଁ। ଯାହାଫଳରେ କଲେଜ ପଢୁଆ ଛାତ୍ରଛାତ୍ରୀ, ଅସହାୟ ଦିବ୍ୟାଙ୍ଗ, ମିଶନଶକ୍ତି ମହିଳା, ଆଶାକର୍ମୀ, ଅଙ୍ଗନବାଡି କର୍ମୀଙ୍କ ସମେତ ଅଞ୍ଚଳବାସୀଙ୍କ ପାଇଁ ମାର୍ଶାଘାଇ ବ୍ଲକ ମୁଖ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ମାର୍ଶାଘାଇ କଲେଜକୁ ଯାତାୟତ ସୁବିଧା ମିଳୁନାହିଁ। ସେହି ରୁଟର ବସ ମାର୍ଶାଘାଇରୁ ହଳଦିଆଗଡ଼ା, ନୂଆପଡା ବଜାର ଦେଇ ଅନ୍ତେଇ କଲେଜ ପାଖର୍ ଦେଇ କେଶଡ଼ା - ବଟିରା ପାଇକା ଶାଖା କେନାଲ ବନ୍ଧ ରାସ୍ତାରେ ପୋତାରୀ ଗ୍ରାମକୁ ଯାତାୟତ କରୁଥିଲା । କେନାଲ ବନ୍ଧ ରାସ୍ତା ଏବେ ଖାଲଖମାରେ ଭର୍ତ୍ତି ହୋଇଥିବାରୁ ରାସ୍ତା ସଂକୁଚିତ ହୋଇଯାଇଛି। ରାସ୍ତାରେ ବସ ଯାତାୟତ କରିବା ବିପଦପୂର୍ଣ୍ଣ ହୋଇଥିବାରୁ ବରିପଲା ଗ୍ରାମ, ବଟିରା, ରତନପୁର ଏବଂ ପୋତାରୀ ଗ୍ରାମ ପର୍ଯ୍ୟନ୍ତ ଯାଇ ନପାରି ବସଟି ଅନ୍ତେଇ ନିକଟରେ ରହଣି କରି ମାର୍ଶାଘାଇ ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଫେରି ଆସୁଛି । କେନାଲ ବନ୍ଧ ରାସ୍ତାକୁ ମରାମତି କରି ପୋତାରୀରେ ନିର୍ମାଣ ହୋଇଥିବା ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବସ ଯାତାୟତ ସ୍ୱାଭାବିକ କରିବାକୁ ଜିଲ୍ଲା ପରିଷଦ ସଦସ୍ୟ ପ୍ରତାପ ମଲ୍ଲିକ, ବଟିରା ପଞ୍ଚାୟତର ସରପଞ୍ଚ ମିନତୀ ଚଇନି, ସମିତି ସଭ୍ୟା ସୁନତୀ ସାହୁ, ମଙ୍ଗରାଜପୁର ସରପଞ୍ଚ ସୁଜାତା ମଲିକ, ସମିତି ସଭ୍ୟା ସୋନାଲି ମଲିକ ପ୍ରମୁଖ ବ୍ଲକ ପ୍ରଶାସନ ଓ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଦୋଷିଆରେ ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ଜିଲ୍ଲା ସମ୍ମିଳନୀ



**ପଟ୍ଟାମୁଣ୍ଡାଇ,୧୬।୨(ସମିସ):** ନିଖିଳ ଉତ୍କଳ ନିମ୍ନ ମାଧମିକ ଶିକ୍ଷକ ସଂଘ ଜିଲ୍ଲା ସମ୍ମିଳନୀ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦୋଷିଆ ୟୁ ଜି ୟୁ ପି ସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲ୍ଲା ସଭାପତି କରୁଣାକର ଭଳଙ୍କ ପୌରହିତ୍ୟରେ ଆୟୋଜିତ ସମ୍ମିଳନୀରେ ଶିକ୍ଷକ ନେତା ଅବନୀ ମହାନ୍ତି ମୁଖ୍ୟଅତିଥି, ବିଜୟ ଜେନା ମୁଖ୍ୟବକ୍ତା, ନିଖିଳ ଉତ୍କଳ ନିମ୍ନ ମାଧମିକ ଶିକ୍ଷକ ସଂଘ ରାଜ୍ୟ ଉପସଭାପତି ଧନେଶ୍ୱର ପାତ୍ର, ଏଡିଟର ସୁଶାନ୍ତ ପ୍ରଧାନ କେନ୍ଦ୍ରାପଡ଼ା ଜିଲ୍ଲା ସଂଘ ସମ୍ପାଦକ ଅଶୋକ ସାହୁ ,ଶିକ୍ଷକନେତା ରମେଶ ସାହାଣୀ, ତୁଷାର ସ୍ୱାଇଁ ଓ ଦୟାନିଧି ସ୍ୱାଇଁ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ମଲିକ ସ୍କୁଲ ପରିଚାଳନା କମିଟି ସଭାପତି ସଚ୍ଚିଦାନନ୍ଦ ନାୟକ ସମ୍ମାନିତଅତିଥି ଭାବେ ଯୋଗ ଦେଇ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ପାଇଁ ସଂଘର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ ।ଶିକ୍ଷକ ନେତା ବୀର କିଶୋର ସାହୁ ସ୍ୱାଗତଭାଷଣ ଓ ଦେବେନ୍ଦ୍ର ନାଥ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶ୍ରୀକାନ୍ତ ଶତପଥୀ ଧନ୍ୟବାଦ ଦେଇଥିଲେ। ଏହି ଜିଲ୍ଲାସ୍ତରୀୟ ସମ୍ମିଳନୀରେ ସଂଘର କେନ୍ଦ୍ରାପଡ଼ା ଜିଲ୍ଲା କର୍ମକର୍ତ୍ତା ଓ ୯ଟି ବ୍ଲକର ସଭାପତି ଓ ସମ୍ପାଦକ ସମେତ ଶିକ୍ଷକନେତା ମାନେ ଯୋଗ ଦେଇଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନ,୧୬ ।୨(ସମିସ):** ଭୁବନ ଥାନା ଏକତାଳୀ ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ମୃତକ ହେଲେ ଏକତାଳି ଗ୍ରାମର ଉପେନ୍ଦ୍ର ସାମଲଙ୍କ ପୁଅ ଉମାକାନ୍ତ ସାମଲ । ଉମାକାନ୍ତ ଖାଇସାରି ଘରେ ଶୋଇବା ପରେ ଆଉ ଉଠି ନ ଥିଲେ । ପରିବାର ଲୋକ ତାଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୂଚନାଯୋଗ୍ୟ, ଉମାକାନ୍ତ ଚଣ୍ଡିଖୋଲର ଏକ ଘରୋଇ କମ୍ପାନୀରେ କାମ କରନ୍ତି ।

## ବାଇକ୍ ଧକ୍କାରେ ଯୁବକ ଗୁରୁତର

**ଭୁବନ,୧୬ ।୨(ସମିସ):** ଭୁବନ ଥାନା ଓଡ଼ିଶ ପଞ୍ଚାୟତ କୋହ୍ଲଣିଆ ଗ୍ରାମର ଉପେନ୍ଦ୍ର ମାହୁନ୍ତ ବାଇକ୍ ଧକ୍କାରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଉପେନ୍ଦ୍ର ନିଜ ପରିବାର ସହ ଭୁବନ ଆସିଥିବା ବେଳେ ୟୁକୋ ବ୍ୟାଙ୍କ ସମ୍ମୁଖରେ ଏକ ବାଇକ୍ ଉପେନ୍ଦ୍ରଙ୍କ ଗୋଡ଼ରେ ଧକ୍କା ହୋଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ଏସ୍‌ସିବି ସ୍ଥାନାନ୍ତର କରାଯାଇଛି ।

## ସର୍ବଭାରତୀୟ ଢେଙ୍କାନାଳ କପ୍ ଉଦ୍‌ଘାଟିତ

**ଢେଙ୍କାନାଳ,୧୬ ।୨(ସମିସ):** ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମରେ ପ୍ରୟାସ ଅନୁଷ୍ଠାନ ପକ୍ଷରୁ ରବିବାର ପ୍ରଥମ ସର୍ବଭାରତୀୟ ଢେଙ୍କାନାଳ କପ୍ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ବିଜେପି ମିଡିଆ ସେଲ ପ୍ରଭାରୀ ଆଇନଜୀବୀ ନବକିଶୋର ଗୁରୁ, ବିଷ୍ଣୁପ୍ରସାଦ ଲେଙ୍କା, ଅକ୍ଷୟ କୁମାର ମହାନ୍ତି, ମାତୃପ୍ରସାଦ ନନ୍ଦ, ସନ୍ତୋଷ କୁମାର ରାଉତ, ରୁଦ୍ରନାରାୟଣ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ । ଉଦଘାଟନୀ ମ୍ୟାଚ କୋଲକାତାର ସିଏଲଡବ୍ଲ୍ୟୁ ଓ ଢେଙ୍କାନାଳ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଖେଳାଯାଇଥିଲା । ସିଏଲଡବ୍ଲ୍ୟୁ ଦଳ ୫ ୱିକେଟରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି । ଟସ ଜିତି ରାମେଶ୍ୱର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୪୧ ରନ କରିଥିଲା । ଦଳ ପକ୍ଷରୁ ଅନିଲ ରାଉତ ୨୦ ବଲରେ ୪୩ ଓ ଅଧିନାୟକ ତନ୍ମୟ ମହାନ୍ତି ୧୬ ବଲରେ ୨୨ରନ ସଂଗ୍ରହ କରିଥିଲେ । ସିଏଲଡବ୍ଲ୍ୟୁ ପକ୍ଷରୁ ଆଜାଦ ହାନସାରୀ ୪ ଓଭରରେ ୧୫ ରନ ଦେଇ ୨ ୱିକେଟ ନେଇଥିଲେ । ଜବାବରେ ସିଏଲଡବ୍ଲ୍ୟୁ ଦଳ ୧୭.୪ ଓଭରରେ ୫ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା । ଦଳ ପକ୍ଷରୁ ସାହିର ମୋଇନଉଦ୍ଦିନ ୪୦ ବଲରୁ ୫୩ ରନ କରି ଦଳୟ ବିଜୟକୁ ସହଜ କରିଥିଲେ । ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା । ସେହିପରି ତନୁଜିତ୍ ଆଚାର୍ଯ୍ୟ ୧୯ ବଲରୁ ୩୧ ରନ କରିଥିଲେ । ରାମେଶ୍ୱର ସ୍ପୋର୍ଟିଂ ପକ୍ଷରୁ ଆକାଶ ପୁହାଣ ୨ ୱିକେଟ ଅକ୍ତିଆର କରିଥିଲେ । ଅମ୍ପାୟର ସୋମନାଥ ସେଠୀ, ସୁଜିତ କୁମାର ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ । ପ୍ରୟାସ ଅନୁଷ୍ଠାନ ପକ୍ଷରୁ ରଣଜିତ୍ ବିଶ୍ୱାଳ, ଏମ୍‌ଜେ ମହିମାଙ୍କ ସମେତ ସଦସ୍ୟମାନେ ସହଯୋଗ କରିଥିଲେ ।

# ପରୀକ୍ଷା ସୁପରିଚାଳନା ପାଇଁ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

**ଢେଙ୍କାନାଳ,୧୬ ।୨(ସମିସ)**



ଢେଙ୍କାନାଳ ଜିଲ୍ଲାରେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ପରୀକ୍ଷାର ସୁପରିଚାଳନା ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଏଥିରେ ଅଧ୍ୟକ୍ଷତା କରି ପରୀକ୍ଷା ପରିଚାଳନାରେ ଯେପରି କୌଣସି ବ୍ୟତିକ୍ରମ ନ ହୁଏ ସେଥିପ୍ରତି ସମ୍ପୃକ୍ତ ଅଧିକାରୀ ଶୃଙ୍ଖଳିତ ଓ ଦାୟିତ୍ୱବୋଧତାର ସହ ନିଜ କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସୁପରିନଟେଣ୍ଡିଂ ଅଫିସରମାନେ ପରୀକ୍ଷା ପୂର୍ବରୁ କେନ୍ଦ୍ରଗୁଡ଼ିକ ପରିଦର୍ଶନ କରି ରିପୋର୍ଟ ଦେବାକୁ କହିଥିଲେ । ପରୀକ୍ଷା ସମୟରେ ବରିଷ୍ଠ ଅଧିକାରୀମାନେ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ତଦାରଖ କରିବା ପାଇଁ କହିଥିଲେ । ଜିଲ୍ଲାରେ ୯୪ କେନ୍ଦ୍ରରେ ଆସନ୍ତା ୨୧ ତାରିଖରୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ ମାଧ୍ୟମିକ ପରୀକ୍ଷା ଅନୁଷ୍ଠିତ ହେବ । ସକାଳ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ । କେବଳ ଗଣିତ ପରୀକ୍ଷା ୯ଟାରୁ ୧୧ଟା ୪୫ ପର୍ଯ୍ୟନ୍ତ ଚାଲିବ ବୋଲି କହିଥିଲେ । ପ୍ରଶ୍ନପତ୍ର ଷ୍ଟୋର ନିମନ୍ତେ ୧୦ଟି ନୋଡାଲ ସେଣ୍ଟର କରାଯାଇ ସିସିଟିଭି ଓ ପୁଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯାଇଥିଲା ଜିଲ୍ଲା ଶିକ୍ଷା ଅଧିକାରୀ ବିନୀତା ସେନାପତି ସୂଚନା ଦେଇଥିଲେ । ପରୀକ୍ଷାର୍ଥୀମାନଙ୍କୁ କୌଣସି ପ୍ରକାରର ଘଣ୍ଟା ନେବାକୁ ଅନୁମତି ନ ଥିବାରୁ ପ୍ରତ୍ୟେକ କେନ୍ଦ୍ରରେ କାନ୍ଥଘଣ୍ଟା ଲଗାଯିବ ବୋଲି ପ୍ରକାଶ କରିଥିଲେ ।

ସେହିପରି ୪୩ କେନ୍ଦ୍ରରେ ଉଚ୍ଚ ମାଧ୍ୟମିକ ସାର୍ଟିଫିକେଟ ପରୀକ୍ଷା ଆସନ୍ତା ୧୮ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ । ପରୀକ୍ଷା ପରିଚାଳନାରେ କୌଣସି ଅଧିକାରୀ, କର୍ମଚାରୀ ଅସତ୍‌ଉପାୟ କିମ୍ବା ବିଶୃଙ୍ଖଳା କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ରମେଶଚନ୍ଦ୍ର ସେଠୀ ଚେତାବନୀ ଦେଇଛନ୍ତି । ସମୀକ୍ଷା ବୈଠକରେ ଡିଆଇଜି ଆଡିସନାଲ ଏସପି ନିରଞ୍ଜନ ପାଢ଼ୀ, ସଦର ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ପରିଡ଼ାଙ୍କ ସମେତ ସମ୍ପୃକ୍ତ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅଧ୍ୟକ୍ଷ, ବିଭାଗୀୟ ଅଧିକାରୀ, ସମସ୍ତ ତହସିଲଦାର ଓ ବିଡିଓମାନେ ଉପସ୍ଥିତ ଥିଲେ ।

● ଶୈବପୀଠ କପିଳାସରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

## ଗାଡ଼ି ପାର୍କିଂକୁ ନେଇ ଶ୍ରଦ୍ଧାଳୁଙ୍କୁ ମାଡ଼ ଅଭିଯୋଗ

**ଗଁଦିଆ,୧୬ ।୨(ସମିସ):** ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ଦିନକୁ ଦିନ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡୁଛି । ପୀଠକୁ ଦର୍ଶନ କରିବାକୁ ଆସିଥିବା ଏକ ପରିବାର ସ୍ଥାନୀୟ ଗାଡ଼ିଚାଳକଙ୍କ ଆକ୍ରମଣର ଶିକାର ହୋଇଛନ୍ତି । ଆହତ ଦମ୍ପତି ଘଟଣା ସମ୍ପର୍କରେ ସ୍ଥାନୀୟ ଗଁଦିଆ ଥାନାରେ ଅଭିଯୋଗ କରିଛନ୍ତି ।



ମିଳିଥିବା ସୂଚନା ଅନୁଯାୟୀ, କପିଳାସ ପୀଠକୁ ରବିବାର କଟକ ଜିଲ୍ଲା ରାଧାକିଶୋରପୁର ଗ୍ରାମର ଆଶିଷ କୁମାର ସେଠୀ ତାଙ୍କ ପରିବାର ସହ ଆସିଥିଲେ । ସେ ଆସିଥିବା ଗାଡ଼ିରେ ବାରବାଙ୍କ ରାସ୍ତା ଦେଇ ମନ୍ଦିର ପାଖକୁ ଯାଇଥିଲେ । କିନ୍ତୁ ସେଠାରେ ଗାଡ଼ି ଜାମ୍ ଥିବାରୁ ସେ ନିଜ ଗାଡ଼ିକୁ ସଠିକ ଭାବେ ପାର୍କିଂ କରି ନ ପାରି ରାସ୍ତା କଡ଼ରେ ରଖିଥିଲେ । ପରେ ଫାଙ୍କା ହେବାରୁ ପାର୍କିଂ ଜାଗାରେ ଗାଡ଼ି ରଖିଥିଲେ । କିନ୍ତୁ ସେହି ସମୟରେ ପଛରେ ଆସୁଥିବା କପିଳାସ ସ୍ପେସିଆଲ ଲେଖାଥିବା ଏକ ବୋଲେରୋ ଗାଡ଼ିର ଡ୍ରାଇଭର ହଠାତ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ । ଏଥିସହ ଏକ ଲୁହାରେ ଆଶିଷଙ୍କ ମୁଣ୍ଡ ଓ ଆଖିକୁ ଆଘାତ କରିଥିଲେ । ଏଥିରେ ଆଶିଷଙ୍କ ପରିବାର ଲୋକେ ହସ୍ତକ୍ଷେପ କରିବାରୁ ଗାଡ଼ି ଚାଳକ ଓ ତାଙ୍କ ସହଯୋଗୀମାନେ ବାଡ଼ି ଓ ପଥରରେ ଆଶିଷଙ୍କ ସ୍ତ୍ରୀ, ମା' ଓ ଭଉଣୀଙ୍କୁ ଆକ୍ରମଣ କରିଥିଲେ । ଏ ନେଇ ଆଶିଷ ପୁଲିସ ସହାୟତା ନମ୍ବର ୧୦୦କୁ ଫୋନ କରିବାରୁ ଗଁଦିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ପରିବାରକୁ ଉଦ୍ଧାର କରିଥିଲା । ଆକ୍ରମଣରେ ଆହତ ଆଶିଷ ଏବେ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । କପିଳାସ ପୀଠରେ ବାରମ୍ବାର ଏପରି ବିଶୃଙ୍ଖଳା ଘଟୁଥିବା ବେଳେ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

ଚାଉଳିଆ ଖମାରରେ ୩ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

## କାରଣ ଏବେ ବି ଅସ୍ପଷ୍ଟ, ପୁଲିସର ତନାଘନା ଜାରି

**ଢେଙ୍କାନାଳ,୧୬ ।୨(ସମିସ):** ସଦର ଥାନାର ତରଭା ଫାଣ୍ଡି ଅନ୍ତର୍ଗତ ଚାଉଳିଆ ଖମାର ଗ୍ରାମରେ ବନ୍ଦ କୋଠରିରୁ ବାପା, ଝିଅ ଏବଂ ନାତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ସେମାନଙ୍କ ମୃତ୍ୟୁର କାରଣ ଏବେ ବି ଜଣାପଡ଼ିନାହିଁ । ପୁଲିସ ଏ ନେଇ ତନାଘନା ଜାରି ରଖିଥିବା ବେଳେ ଏକାସଙ୍ଗେ ଗୋଟିଏ ପରିବାରର ତିନି ସଦସ୍ୟ କାହିଁକି ଆତ୍ମହତ୍ୟା କଲେ ସେ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଖମାର ଗ୍ରାମରେ ଶଙ୍କର୍ଷଣ ଦାସ (୭୦), ତାଙ୍କ ପତ୍ନୀ ପୁଷ୍ପଲତା ଦାସ (୬୫), ଝିଅ ସୁବର୍ଣ୍ଣା ଦାସ (୪୦) ଏବଂ ସୁବର୍ଣ୍ଣାଙ୍କ ପୁଅ ସନ୍ତୋଷ ଦାସ (୧୭) ରହିଆସୁଥିଲେ । ଶନିବାର ଘର ଭିତରୁ ଶଙ୍କର୍ଷଣ ସୁବର୍ଣ୍ଣା ଏବଂ ସନ୍ତୋଷଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା । ଖବରପାଇ ସଦର ଥାନା ପୁଲିସ ସହ ଅତିରିକ୍ତ ଏସପି ସୂର୍ଯ୍ୟମଣି ପ୍ରଧାନ, ତରଭା ଫାଣ୍ଡି ଅଧିକାରୀ ଶେଷଦେବ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଗୁରୁବାରଠାରୁ ଏମାନେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉବେଳେ ଘର ଭିତରୁ ଦୁର୍ଗନ୍ଧ ବାହାରିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା ।

ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୨୨ତମ ସଂସ୍କରଣ

## ମହିମାଧର୍ମର ଆଦିପୀଠ ମହିମାଗାଦି ପରିଦର୍ଶନ

**ଢେଙ୍କାନାଳ,୧୬ ।୨(ସମିସ):** ଢେଙ୍କାନାଳ ଜିଲ୍ଲା ଐତିହ୍ୟ ପଦଯାତ୍ରାର ୨୨ତମ ସଂସ୍କରଣ ରବିବାର ମହିମା ଧର୍ମର ମୁଖ୍ୟଧାମ ଯୋରନ୍ଦା ମହିମାଗାଦିରେ ଅନୁଷ୍ଠିତ ହୋଇଛି । ପଦଯାତ୍ରୀମାନେ ମହିମାଗାଦିରେ ପହଞ୍ଚିବା ପରେ ମହିମା ମଣ୍ଡଳ ପରିସରରେ ଯୋରନ୍ଦା ମହିମା ଧର୍ମଧାମ ବିକାଶ ପରିଷଦ, ସମ୍ବାଦ ସାହିତ୍ୟ ଘର, ଯୋରନ୍ଦା ବରିଷ୍ଠ ନାଗରିକ ମଞ୍ଚ ଓ ମହିମାଗାଦି ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଆନନ୍ଦ ଚନ୍ଦ୍ର ମହାନ୍ତି, ପୀତବାସ ରାଉତ, ଗୋକୁଳଚନ୍ଦ୍ର ସାହୁ, ସୁଧାଂଶୁଶେଖର ରାଉତ ଏବଂ ନେତ୍ରାନନ୍ଦ ରାଉତ ପ୍ରମୁଖ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ବଲ୍କଲଧାରୀ ମହିମା ସମାଜ ସଭାପତି ବାବା ନିତ୍ୟାନନ୍ଦ ଦାସ ମହିମା ଧର୍ମର ଉତ୍ପତ୍ତି ଓ ଇତିହାସ ସମ୍ପର୍କରେ ଐତିହ୍ୟ ପ୍ରେମୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ମହିମା ଧର୍ମ ଏକ ସାମାଜିକ ଗଣଆନ୍ଦୋଳନ ଓ ଏହା ସାମାଜିକ ସହାବସ୍ଥାନକୁ ଗୁରୁତ୍ୱ ପ୍ରଦାନ କରିଥାଏ । ଏ ଧର୍ମ ନିରାକାର ବିଶୁଦ୍ଧ ବ୍ରହ୍ମୈକବାଦ ଉପରେ ପ୍ରତିଷ୍ଠିତ । ଜଗତ କଲ୍ୟାଣ ଏହାର ମୁଖ୍ୟ ଆବେଦନ ଏବଂ ପରା, ଅପରା ସନ୍ନ୍ୟାସ ମାଧ୍ୟମରେ ମହିମାଧର୍ମ ସତ୍ୟ, ଅହିଂସା ଓ ବ୍ୟକ୍ତିର ଆତ୍ମିକ ଶୁଦ୍ଧତାକୁ ଗୁରୁତ୍ୱ ପ୍ରଦାନ କରିଥାଏ ବୋଲି ବାବା ନିତ୍ୟାନନ୍ଦ ଦାସ ମତବ୍ୟକ୍ତ କରିଥିଲେ । ନଟବର ବାବା ମହିମା ଧର୍ମର ଆଧାତ୍ମିକ ଦର୍ଶନ ସମ୍ପର୍କରେ ପଦଯାତ୍ରୀଙ୍କୁ ତଥ୍ୟପୂର୍ଣ୍ଣ ସୂଚନା ପ୍ରଦାନ କରିବା ସହ ପଦଯାତ୍ରାରେ ଯୋଗଦେଇଥିବା ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ ।





ପରେ ବଲ୍କଲଧାରୀ ମହିମା ସମାଜ ତରଫରୁ ପଦଯାତ୍ରୀଙ୍କୁ ଆଶ୍ରମର ଅନ୍ନ ପ୍ରସାଦରେ ଆପ୍ୟାୟିତ କରାଯାଇଥିଲା । ପଦଯାତ୍ରୀମାନେ ମହିମା ଗାଦି ମଣ୍ଡଳର ଗାଦି ମନ୍ଦିର, ନୀତି ମନ୍ଦିର, ଘଣ୍ଟା ଘର, ଧୁନି ମନ୍ଦିର, ଶୂନ୍ୟ ମନ୍ଦିର, ଅଖଣ୍ଡ ଧୁନି ମନ୍ଦିର, ଏକୋଇଶ ହାତିଆ ଟୁଙ୍ଗୀ, ମହିମା ସ୍ୱାମୀଙ୍କ ଭୀକ୍ଷାସ୍ଥଳ ଓ ଅନ୍ୟାନ୍ୟ ଆଶ୍ରମ ବୁଲି ଦେଖିଥିଲେ । ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଆବାହକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ରମେଶ ଚନ୍ଦ୍ର ପତି, ବିପିନ ବିହାରୀ ପାଣି, ବଦ୍ରିନାଥ ଜେନା, ଫଟୋଗ୍ରାଫର ହୃଦାନନ୍ଦ ବେହେରା, ରାଉରକେଲାରୁ ଆସିଥିବା ସୁବ୍ରତ କୁମାର ବଳ, ପୀୟୂଷ ଅଗ୍ରୱାଲ, ବିଶ୍ୱଜିତ ଶତପଥୀ, ନାରାୟଣ ପଟ୍ଟନାୟକ, ବିକାଶ ପ୍ରଧାନ, ବିଶ୍ୱରଞ୍ଜନ ସାହୁ, ଚନ୍ଦ୍ରଶେଖର ରାଉତ, କ୍ଷମାମୟୀ ବେହେରା, ଅର୍ଚ୍ଚନା ବେଜ, ମେଘା ମୌସୁମୀ ସାହୁ, ପୀୟୂଷ ମାଟି, ଆଶୁତୋଷ ସାହୁ, ରାହୁଲ ନାଏକ, ଶିବପ୍ରସାଦ ସାହୁ, ବିକାଶ ରାଉତ, ଗୋପାଳ ସାସମଲ ଓ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

## ଭୁବନରେ ନୂତନ ଥାନାଧିକାରୀ



**ଭୁବନ,୧୬ ।୨(ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଧୀରେନ୍ କୁମାର ସ୍ୱାଇଁ ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି । ପୂର୍ବତନ ଥାନା ଅଧିକାରିଣୀ ମନସ୍ୱିନୀ ମହାନ୍ତିଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଇନ୍ସପେକ୍ଟର ସ୍ୱାଇଁ ପୂର୍ବରୁ ବିଜେପୁର ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ଆଗକୁ ଭୁବନ ଥାନାକୁ ଏକ ଆଦର୍ଶ ଥାନା ଭାବେ ଗଢ଼ି ତୋଳିବା ସହ ସମସ୍ତ ଜନସାଧାରଣଙ୍କୁ ଉଚିତ୍ ଓ ସମାନ ନ୍ୟାୟ ପ୍ରଦାନ କରାଯିବ ବୋଲି ଏହି ଅବସରରେ ସେ ପ୍ରତିକ୍ରିୟାରେ କହିଛନ୍ତି ।

● ଜିଲ୍ଲାରେ ଶିଶୁ ଶ୍ରମିକ ବିଦ୍ୟାଳୟରେ ତାଲା

## ୩୫ ବିଦ୍ୟାଳୟ କର୍ମଚାରୀଙ୍କ ବକେୟା ପ୍ରାପ୍ୟ ୨ କୋଟି

**ଢେଙ୍କାନାଳ,୧୬ ।୨(ସମିସ):**

ରାଜ୍ୟରେ ବିଜେପି ସରକାର ନୂତନ ଶିକ୍ଷାନୀତି-୨୦୨୦ ପ୍ରଚଳନ କରିଥିବା ବେଳେ ଢେଙ୍କାନାଳ ଜିଲ୍ଲାରେ ଥିବା ଶିଶୁ ଶ୍ରମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଲାଭ ପାଇଁ ଆଶା ରଖିଥିବା ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ଦୀର୍ଘଦିନ ଏହି ବିଦ୍ୟାଳୟଗୁଡ଼ିକରେ ତାଲା ପଡ଼ିଥିବା ଜଣାପଡ଼ିଛି । ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ବିଭାଗ କେନ୍ଦ୍ରୀୟ ଅନୁଦାନ ବନ୍ଦ କରିଦେଇଥିବାରୁ ଏହି ବିଦ୍ୟାଳୟଗୁଡ଼ିକ ବନ୍ଦ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।

ଏକ ସର୍ବେକ୍ଷଣ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ୧୦ ହଜାର ୨୮୭ ଶିଶୁ ଶ୍ରମିକ ରହିଛନ୍ତି । ଏମାନଙ୍କ ମଧ୍ୟରୁ ୬ ହଜାର ୧୨୩ ଜଣଙ୍କ ବୟସ ମାତ୍ର ୯ରୁ ୧୪ ବର୍ଷ ମଧ୍ୟରେ ରହିଥିଲା । ୧୭୫୦ ଶିଶୁ ଶ୍ରମିକ ଛାତ୍ରଙ୍କୁ ନେଇ ପ୍ରତି ବିଦ୍ୟାଳୟରେ ୫୦ ଜଣ ଶିଶୁଙ୍କୁ ଶିକ୍ଷାଦାନ ସହ ତାଲିମ୍ ଦେବାପାଇଁ ଜିଲ୍ଲା ପ୍ରଶାସନ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲା । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ୨୦୦୭ରୁ ୨୦୧୦ ପର୍ଯ୍ୟନ୍ତ ୩ ବର୍ଷ ପାଇଁ ଏହି ବିଦ୍ୟାଳୟଗୁଡ଼ିକ କାର୍ଯ୍ୟ କରିବାକୁ ବ୍ୟବସ୍ଥା ରହିଥିଲା । ଏହି ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ୨୦ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ହେଉଥିବାବେଳେ ଗୋଟିଏ ବିଦ୍ୟାଳୟକୁ ଟ୍ରେଡ ୟୁନିୟନ ପରିଚାଳନା କରୁଥିଲା । ୨୦୧୩ରେ ୧୭୫୦ ଶିଶୁ ଶ୍ରମିକଙ୍କୁ ନେଇ ପୁଣି ୧୯ ବିଦ୍ୟାଳୟ ଦ୍ୱାରା ତାଲିମ୍ ପ୍ରଦାନ କରାଯାଇ ସେମାନଙ୍କ ମଧ୍ୟରୁ ୯୧୫ ଜଣଙ୍କୁ ସ୍ୱାବଲମ୍ବୀ କରାଯାଇଥିଲା । ପ୍ରତି ଶିଶୁ ଶ୍ରମିକଙ୍କୁ ମାସିକ ୧ଶହ ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନ କରାଯାଉଥିବା ବେଳେ କେନ୍ଦ୍ର ସରକାର ଅନୁଦାନ ବନ୍ଦ କରିଦେବାରୁ ୨୦୧୧ରୁ ଏହି ଷ୍ଟାଇପେଣ୍ଡ ଟଙ୍କା ପ୍ରଦାନ କରାଯାଇନାହିଁ । ତେବେ ରାଜ୍ୟ ସରକାରଙ୍କ ଶ୍ରମ ସଚିବଙ୍କ ନିର୍ଦ୍ଦେଶରେ ୨୦୧୪ ଅଗଷ୍ଟରୁ ଏହି ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିଦିଆଯାଇଛି । ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ନୂତନ ଭାବେ ବିଦ୍ୟାଳୟ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ୬ରୁ ୧୪ ଏବଂ ୧୫ରୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ ଶ୍ରମିକଙ୍କୁ ତାଲିମ୍ ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଥିଲା । ଏହି ବିଦ୍ୟାଳୟଗୁଡ଼ିକ ଜିଲ୍ଲାରେ ୨୦୧୪ ଅଗଷ୍ଟ ମାସରୁ ବନ୍ଦ ହୋଇଥିବା ବେଳେ ବିଦ୍ୟଳୟରେ କାର୍ଯ୍ୟରତ ଶିକ୍ଷକ, ଇନଷ୍ଟ୍ରକଟର, ପିଅନ ଏବଂ କିରାଣିମାନେ କାର୍ଯ୍ୟ କରି ମଧ୍ୟ ଦରମା ପାଇ ନ ଥିବା ଜଣାପଡ଼ିଛି । ଏମାନଙ୍କ ଦରମା ବାବଦ ପ୍ରାୟ ୨ କୋଟି ଟଙ୍କା ବକେୟା ପଡ଼ି ରହିଥିବା ଜଣାପଡ଼ିଛି ।

> ଶିଶୁ ଶ୍ରମିକ ଶିକ୍ଷାରୁ ବଞ୍ଚିତ

ଜିଲ୍ଲାରେ ୨୦୦୮ରେ ୮ ବିଦ୍ୟାଳୟ ଆରମ୍ଭ ହୋଇଥିବା ବେଳେ ପୌରାଞ୍ଚଳର କୁଟୁଣିଆ ସାହି, ହାଟରୋଡ୍, ସଦର ବ୍ଲକ ବଳଦିଆବନ୍ଧ, ଲତାମୁଣ୍ଡା, ଭାଟକାଟେଣୀ, ଗୋବିନ୍ଦପୁର, କାକୁଡ଼ିଭାଗ, ଶଙ୍ଖୁଆ, କଙ୍କଡ଼ାହାଡ଼ ବ୍ଲକ ତିଳେଇବେରେଣୀ, ଦୋରହତା, ଝାଞ୍ଜିରବେରେଣା, କାମାକ୍ଷାନଗର ବ୍ଲକ କନ୍ଧବେରେଣୀ, ଗଁଦିଆ ବ୍ଲକ ଫୁଲଝରୀ, ତଳପଦା, ମୁଣ୍ଡାସାହି, ତୁଳସୀପୁର, ଶ୍ରୀରାମଚନ୍ଦ୍ରପୁର, ଭୁବନ ବ୍ଲକ ମଠନୂଆଗାଁ, ଦଧିସିଙ୍ଗା, ରୋଡଙ୍ଗ, ବାରକୋଟ, ପରଜଙ୍ଗ ବ୍ଲକ କଙ୍କିଳି, ପାଳାଶଟାଙ୍ଗି, ଓଡ଼ାପଡ଼ା ବ୍ଲକ ନଗାରୀ, ଜରିପାଳ, ମୃଦଙ୍ଗାପଲୀ, ତେନ୍ତୁଳିଆପଡ଼ା, ଖୁଣ୍ଟଝରୀ, କାଳିକାପ୍ରସାଦ, ହିନ୍ଦୋଳ ବ୍ଲକ ଅଳସୁଆ, ଖଳିବୋରେଇ, ପଞ୍ଚପଡ଼ା, ରଞ୍ଜାଗୋଳ, ମୁଗପାଳ, ପଞ୍ଚପଡ଼ାରେ ବିଦ୍ୟାଳୟ ରହିଥିଲା । ତେବେ ଏହି ବିଦ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ ଦୀର୍ଘ ୨୨ ମାସର ଦରମା ନ ପାଇ ଦୟନୀୟ ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି । ପ୍ରାୟ ୩୫ ବିଦ୍ୟାଳୟର କର୍ମଚାରୀମାନେ ସରକାରଙ୍କ ହାତଟେକାକୁ ଚାହିଁ ରହିଛନ୍ତି । ଏହି ସଂସ୍ଥାର କାର୍ଯ୍ୟାଳୟ ଗୋବିନ୍ଦପୁରରେ ଥିବାବେଳେ ଏବେ ଏହା ଭୂତକୋଠିରେ ପରିଣତ ହୋଇଛି । କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଟଣାଓଟରା ଲାଗିରହିଥିବା ବେଳେ ଶିଶୁ ଶ୍ରମିକମାନଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଶିଶୁ ଶ୍ରମିକମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସରକାର ଯେଉଁ ଯୋଜନା କରୁଛନ୍ତି ଅନୁଦାନ ନ ଦେବାରୁ ତାହା ବିଫଳ ହୋଇଛି । ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ ସହିତ ଶିଶୁ ଶ୍ରମିକଙ୍କୁ ତାଲିମ ଏବଂ ଥଇଥାନ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

● ଜିଲ୍ଲା କଂଗ୍ରେସ କମିଟି ବୈଠକ

## ମହାସଂଗ୍ରାମ ସଂକଳ୍ପରେ ସାମିଲ ହେବାକୁ ଆହ୍ୱାନ



**ଢେଙ୍କାନାଳ,୧୬ ।୨(ସମିସ):** ଢେଙ୍କାନାଳ ଜିଲ୍ଲା କଂଗ୍ରେସ କମିଟି ତରଫରୁ ନୂତନ ପିସିସି ସଭାପତିଙ୍କୁ ସ୍ୱାଗତ କରିବା ସହିତ ଓଡ଼ିଶାବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ମହାସଂଗ୍ରାମ ସଂକଳ୍ପକୁ ସମର୍ଥନ କରିବାକୁ ଆହ୍ୱାନ ଦିଆଯାଇଛି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନୂତନ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତଚରଣ ଦାସ ଓଡ଼ିଶାବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ମହାସଂଗ୍ରାମ କରିବାକୁ ସଂକଳ୍ପ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେବାକୁ ପୁରୀ ଯାତ୍ରା କରିବେ । ଏହି ସଂକଳ୍ପ ପଦଯାତ୍ରାକୁ ଏକ ଐତିହାସିକ ଯାତ୍ରାରେ ପରିଣତ କରିବା ନିମନ୍ତେ ସେ ଦଳର ବରିଷ୍ଠ ନେତା, ଯୁବ, ଛାତ୍ର, ମହିଳା, କୃଷକ, ଶ୍ରମିକ ସଂଗଠନର କର୍ମକର୍ତ୍ତା, ସଦସ୍ୟମାନଙ୍କୁ ଆହ୍ୱାନ ଜଣାଇଛନ୍ତି । ନୂତନ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଏହି ପଦଯାତ୍ରାରେ ସକ୍ରିୟ ଅଂଶଗ୍ରହଣ କରି ଏହି ସଂକଳ୍ପ ନେବାକୁ ଜିଲ୍ଲା କଂଗ୍ରେସ କମିଟି ତରଫରୁ ସଭାପତି ସୁନୀଲ ଦାଶଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଗାନ୍ଧୀ ମନ୍ଦିରରେ ଆୟୋଜିତ ହୋଇଛି । ଏଥିରେ ଗତ ନିର୍ବାଚନର ଲୋକସଭା ପ୍ରାର୍ଥିନୀ ସସ୍ମିତା ବେହେରା, ବିଧାନସଭା ପ୍ରାର୍ଥୀ ବିପ୍ରବର ସାହୁ, ରଣଜିତ କୁମାର ସାହୁ, ଏଆଇସିସି ସଭ୍ୟ ଶାନ୍ତନୁ ସାହୁ, ବରିଷ୍ଠ ନେତା ଡା. ତୁଷାରକାନ୍ତି ନାୟକ, ବେଣୁଧର ସାହୁ, ରୁଦ୍ରପ୍ରକାଶ ସରଣ, ନିଶାକର ସାହୁ, ବିଜୟ ସ୍ୱାଇଁ, ଶିଳ୍ପୀଶ୍ରୀ ହରିଚନ୍ଦନ, ମହମ୍ମଦ ଏର୍ସାଦ, ମହମ୍ମଦ ସମୀର, ଫକୀର ଚରଣ ବେହେରା, ଜିତେନ୍ଦ୍ର କୁମାର ସାହୁ, ନଗେନ ବିନାୟକ, ଅଖିଳ ମହାପାତ୍ର, ପ୍ରମୋଦ ମହାପାତ୍ର, ପ୍ରିୟବ୍ରତ ଗଡ଼ନାୟକ, ସରୋଜ ଶତପଥୀ, ଓଡ଼ାପଡ଼ା ବ୍ଲକ ସଭାପତି ସୁଶାନ୍ତ କୁମାର ଧଳ, ଅବିନାଶ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ପ୍ରସ୍ତାବିତ ସଂକଳ୍ପ ପଦଯାତ୍ରା ରାଜ୍ୟ ତଥା ଜିଲ୍ଲା ସ୍ତରରେ କଂଗ୍ରେସ ନେତା ଏବଂ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ସହ ଆଗକୁ କଂଗ୍ରେସ ସଂଗଠନ ସୁଦୃଢ଼ ହୋଇପାରିବ ଏବଂ ଜନତାଙ୍କ ସ୍ୱାର୍ଥରକ୍ଷା ଓ ସମସ୍ୟା ସମାଧାନ ନିମନ୍ତେ କଂଗ୍ରେସ ଦଳ ତତ୍ପରତା ପ୍ରକାଶ କରିବ ବୋଲି ସଭାପରି ପ୍ରକାଶ କରିଛନ୍ତି ।

